ଜୈସ୍ୱାଲଙ୍କୁ ବଡ଼ ଉପହାର ଦେଲା ଆଇସିସି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୪୭ ● ୧୩ ମାର୍ଚ୍ଚ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-47 ● 13rd March 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24





ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଆମ ସଂକଳ୍ପ ବିକଶିତ ଭାରତ

ଅର୍ଥାତ୍ ପ୍ରତି ଘରେ ଅନ୍ନର ଗ୍ୟାରେଣ୍ଟି

ମାଗଣା ରାସନ୍ ପାଉଛନ୍ତି ୮୦ କୋଟି ହିତାଧିକାରୀ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ



Government of India

cbc 22201/13/0352/2324


## କଲରାବାଙ୍କଠାରେ ୧୦୦ ଶଯ୍ୟାବିଶିଷ୍ଟ କିମ୍ସ ଗ୍ରାମୀଣ ଡାକ୍ତରଖାନା ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୩**

**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲ୍ଲା ସ୍ମାର୍ଟ ଭିଲେଜ୍ କଲରାବାଙ୍କଠାରେ ୧୦୦ ଶଯ୍ୟାବିଶିଷ୍ଟ ଅତ୍ୟାଧୁନିକ କିମ୍ସ ଗ୍ରାମୀଣ ଡାକ୍ତରଖାନା ଏବଂ କଲରାବାଙ୍କ ସ୍ମାର୍ଟ ଭିଲେଜର ଲୋକାର୍ପଣ କରିବା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୯ଟି କିମ୍ସ ଗ୍ରାମୀଣ ଡାକ୍ତରଖାନାର ଭିତ୍ତି ରଖିଛନ୍ତି।

ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ହସ୍ପିଟାଲ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସଫଳ ହେବ ଏବଂ ସ୍ମାର୍ଟ ଭିଲେଜ୍ କଲରାବାଙ୍କ ପାଇଁ ଏହି ହସ୍ପିଟାଲ ଏକ ନୂଆ ପରିଚୟ ସୃଷ୍ଟି କରିବ। ମୁଖ୍ୟମନ୍ତ୍ରୀ ଆହୁରି *(ଭିତର ପୃଷ୍ଠାରେ)*



## ଜାମୁଝରୀରେ ବିଶ୍ୱସ୍ତରୀୟ ମଡେଲ କାରାଗାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୩**

**ନ୍ୟୁଜ୍ ବ୍ୟୁରୋ**

ଜାମୁଝରୀରେ ହେବ ବିଶ୍ୱସ୍ତରୀୟ ସବୁଜ ବଳୟ ମଡେଲ କାରାଗାର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା, ଜେଲ ଡିଜି ଅମ୍ରିତ ପ୍ରସାଦ, ଜେଲ ଏଡିଜି ଅମିତାଭ ଠାକୁର, ଜଟଣୀ ବିଧାୟକ ସୁର ରାଉତରାୟଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।



ଏହା ରାଜ୍ୟର ସବୁଠାରୁ ବଡ ଓ ପ୍ରଥମ ସବୁଜବଳୟ ମଡେଲ କାରାଗାର ହେବ। ୫୦ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି କାରାଗାର ବିଶ୍ୱସ୍ତରୀୟ ଭିତ୍ତିଭୂମି ରହିବ। ପ୍ରଥମ ପର୍ଯ୍ୟାୟରେ ୩୫ ଏକର ଜମିରେ ଜେଲ ନିର୍ମାଣ କରାଯିବ। ଆଗାମୀ ୫୦ ବର୍ଷର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ଜେଲରେ ପରିକଳ୍ପନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଜେଲଟି ସଂପୂର୍ଣ୍ଣ ଆଶ୍ରମ ଢାଞ୍ଚାରେ ନିର୍ମାଣ କରାଯିବ । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଉନ୍ନତ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଅନେକ ରିସର୍ଚ୍ଚ ଓ ଡିଜାଇନ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ବେଙ୍ଗାଲୁରୁ, ହାଇଦ୍ରାବାଦ୍, ଗୁରଗାଓଁ, ରୋହତକ, ପାନିପଥ, ଅମ୍ରିତସର, ଦିଲ୍ଲୀର ତିହାର ଓ ମଡେଲ ଜେଲ ଏବଂ ହରିଆନାର ନୁହ ଜେଲ ପରିଦର୍ଶନ ପରେ ଜାମୁଝରୀ ସବୁଜ ବଳୟ ମଡେଲ କାରାଗାରର ଡିଜାଇନ ପ୍ରସ୍ତୁତ କରିଛନ୍ତି। ୫–ଟି ଉପକ୍ରମରେ ନିର୍ମାଣ କରାଯିବ ଏହି କାରାଗାର । ଏହି ମଡେଲ ଜେଲରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୫ଶହ କଏଦୀ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨ ହଜାର ୫ଶହ କଏଦୀ ରହିବାର କ୍ଷମତା ରହିବ।


DSPL-837

ଆମ ଓଡ଼ିଶା ନବୀନ ଓଡ଼ିଶା

ବରିଷ୍ଠଙ୍କୁ ସମ୍ମାନ | ଅସହାୟଙ୍କ ଭରସା

୪ ଲକ୍ଷରୁ ଉର୍ଦ୍ଧ୍ୱ

ବୃଦ୍ଧ-ବୃଦ୍ଧା, ବିଧବା ଓ ଅସହାୟଙ୍କ ପାଇଁ ନିଶ୍ଚିତ ପେନସନ



‘ମଧୁବାବୁ ପେନସନ ଯୋଜନା’ର ବିଶେଷତ୍ୱ

- ଯୋଜନାରେ ସାମିଲ ହେବେ ୪ ଲକ୍ଷ ଅତିରିକ୍ତ ହିତାଧିକାରୀ
- ହିତାଧିକାରୀଙ୍କ ସଂଖ୍ୟା ୩୭.୭୫ ଲକ୍ଷକୁ ବୃଦ୍ଧି
- ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତ ମହିଳା, କୁଷ୍ଠ ରୋଗୀ, ଏଡ୍ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡରେ ଅନାଥ ହୋଇଥିବା ପିଲା ଓ ବିଧବାଙ୍କ ସହିତ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ସାମିଲ





OIPR : 15001/13/0797/2324

ସୂଚନା ଓ ଲୋକସମ୍ପର୍କ ବିଭାଗ

30 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ମାର୍ଚ୍ଚ ୨୦୨୪ ବୁଧବାର



## ନେପାଳ ଯିବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୁଇ ପ୍ରଫେସର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୁଇ ଓଡ଼ିଆ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଫେସର ଡ଼ ଦେବାଶିଷ ପାତ୍ର ଓଡ଼ିଆ ସାହିତ୍ୟର ଆଦ୍ୟ ଆଲେଖ୍ୟ ଚର୍ଯ୍ୟା ସାହିତ୍ୟ ଉପରେ ଅଧିକ ଗବେଷଣାତ୍ମକ ତଥ୍ୟ ପ୍ରାପ୍ତ ଉଦ୍ଦେଶ୍ୟରେ ନେପାଳ ରାଜଦରବାର ଯିବେ ବୋଲି ସଦ୍ୟ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆଲୋଚନା ଚକ୍ରରୁ ପ୍ରକାଶ ପାଇଛି । ଏଠାରେ ସୂଚନାଥାଉକି ସଦ୍ୟ ସମାପ୍ତ ହୋଇଥିବା ଚର୍ଯ୍ୟା ସାହିତ୍ୟ ସମ୍ପର୍କିତ ଆଲୋଚନା ଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟକ ଭାବରେ ଯୋଗଦାନକରି ଚର୍ଯ୍ୟା ସମ୍ପର୍କିତ ବହୁ ତଥ୍ୟ ଜ୍ଞାତ ହେବାସହ ଏହାର ବିସ୍ତୃତ ତଥ୍ୟ ପାଇଁ ଦୁଇ ପ୍ରଫେସରଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ନେପାଳ ପଠାଇବେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ୧୯୧୬ ମସିହାରେ ବଙ୍ଗଳାର ଡ଼ ହରପ୍ରସାଦ ଶାସ୍ତ୍ରୀ ନେପାଳ ରାଜଦରବାରରୁ ପ୍ରାପ୍ତ ପୋଥିରୁ ଯେଉଁ ଓଡ଼ିଆ ଭାଷାର ସୂଚନା ପ୍ରାପ୍ତି ହୋଇଥିଲେ ତାହା ଉପରେ ଅଧିକ ଗବେଷଣା କରିବାର ତାତ୍ପର୍ଯ୍ୟ ଅଛି ବୋଲି ପ୍ରଫେସର ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏତାଦୃଶ କାର୍ଯ୍ୟକ୍ରମକୁ କୁଳପତି ସାଧୁବାଦ ପ୍ରଦାନ କରିବା ସହ ଆବାହକ ଡ଼ ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ତେଣୁ ଦୁଇ ପ୍ରଫେସର ନେପାଳ ଯିବା ପାଇଁ ପ୍ରସ୍ତୁତ ହେଉଥିବାର ଜଣାଯାଇଛି ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ:ଭାଷା ବିନା ସାହିତ୍ୟ ଓ ସଂସ୍କୃତି ତିଷ୍ଠିବା ଅସମ୍ଭବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ସ୍ଥାନୀୟ କୁଇନ୍ ଅଫ୍ ଦି ମିଶନ୍‌ସ ଉଚ୍ଚ ବିଦ୍ୟାଳୟ ପରିସରରେ ବହୁମୁଖର ସଭାପତି ଡ଼ ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରର ମୁଖ୍ୟଅତିଥି ହରେକୃଷ୍ଣ ପଣ୍ଡା, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ, ମୁଖ୍ୟବକ୍ତା ଡ଼ ବନମାଳି ପାଣିଗ୍ରାହୀ, ପ୍ରାକ୍ତନ ଅଧ୍ୟକ୍ଷ, ସମ୍ମାନିତ ଅତିଥି ଡ଼ କୈଳାଶ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ସମ୍ପାଦକ ମହମ୍ମଦ ଆସଲାମ ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ଉପରେ ୭ ଜଣ କବିତା ପାଠ କରିଥିଲା ବେଳେ ଆଲୋଚନାରେ ଡ଼ ଭଗବାନ ତ୍ରିପାଠୀ, ଡ଼ ସନ୍ତୋଷ କୁମାର ଦାଶ, ଡ଼ ପ୍ରାଣ ଋନ୍ଦ ପଣ୍ଡା, ସୁବ୍ରତ ରଥ, ଅଧ୍ୟାପକ ଚିତ୍ରସେନ ଜେନା, ଅଧ୍ୟାପକ ସନ୍ତୋଷ ସାହୁ, ଶଶୀଭୁଷଣ ରଥ ମହିଳା ମହା ବିଦ୍ୟାଳୟ, ଗବେଷକ ଅଜୟ ସାହୁ, ଲାଲବାହାଦୁର ପଟ୍ଟନାୟକ, ପାର୍ବତୀ ପ୍ରସାଦ ପାଢ଼ୀ ପ୍ରମୁଖ ଶାସ୍ତ୍ରୀୟ ଭାଷା ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଡ଼ ବନମାଳି ପାଣିଗ୍ରାହୀ, ପ୍ରାଚୀନ ଭାଷା ଓଡ଼ିଆ ଆମ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିବା ବେଳେ ଡ଼ କୈଳାଶ ଚନ୍ଦ୍ର ତ୍ରିପାଠୀ ବର୍ତ୍ତମାନ ପିଢ଼ିର ଭାଷା ପ୍ରତି ରହିଥିବା ବିମୁଖତା ଉପରେ ସୂଚନା ଦେଇ କ୍ଷୋଭ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ହରେକୃଷ୍ଣ ପଣ୍ଡା 'ଭାଷା ହେଉଛି ଜାତିର ଅସ୍ମିତା, ଜାତିର ମୂଳ ଉତ୍ସ, ଭାଷା ବିନା ସାହିତ୍ୟ ସଂସ୍କୃତି ଯେ ନିରସ ଭାଷା ନ ବଞ୍ଚିଲେ ସାହିତ୍ୟ ଓ ସଂସ୍କୃତି ତିଷ୍ଠିବା ସମ୍ଭବ ନୁହେଁ ବୋଲି କହିଥିଲେ ସଭାପତି ଡ଼ ପାତ୍ର । ଆଜିର ବିଦ୍ୟାର୍ଥୀ ଓ ଅଧ୍ୟାପକ ଭାଷା ପାଇଁ ଯଦି ନିଜର ସଂକଳ୍ପ ଓ ସମର୍ପଣ ଭାବ ନରଖନ୍ତି ତେବେ ଆମ ଭାଷାର ଭବିଷ୍ୟତ ଯେ ଅନ୍ଧକାର ହେବ ଏକଥା ଏଡାଇ ଦିଆଯାଇପାରିବ ନାହିଁ ବୋଲି କହିଥିଲେ । ଧୀରସମୀର ପାଣିଗ୍ରାହୀ, ଭବାନୀଶଙ୍କର ପାଣିଗ୍ରାହୀଙ୍କ ସମେତ କବି ଓ କବୟିତ୍ରୀ ମାନେ କବିତା ପାଠ କରିଥିଲେ । ସମ୍ପାଦକ ମହମଦ ଆସଲାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନବସତିରୁ କ୍ଷତାକ୍ତ ହରିଣ ଉଦ୍ଧାର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ବ୍ଲକ ସୀତାରାମ ବଜାର ନିକଟସ୍ଥ ଲେବର କଲୋନୀରୁ ଏକ ହରିଣ ଉଦ୍ଧାର କରିଛନ୍ତି ସ୍ଥାନୀୟ ଲୋକେ । ସୂଚନା ମୁତାବକ ସୋମବାର ସକାଳ ପ୍ରାୟ ୬ଟା ସମୟରେ ଏକ ହରିଣ ଖାଦ୍ୟ ଅନ୍ୱେଷଣରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପଟୁ ଜନବସତି ଅଭିମୁଖେ ଋଲି ଆସିଥିଲା । କିଛି ବୁଲା କୁକୁର ହରିଣଟିକୁ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିଲେ । ସ୍ଥାନୀୟ ଲୋକ ଅମର ସାହୁ, ଲମ୍ବୋଧର ଶ୍ରୀଚନ୍ଦନ, ନିରଞ୍ଜନ ସାହୁ ଓ ରାହୁଲ ଶ୍ରୀଚନ୍ଦନ ହରିଣଟିକୁ ବୁଲା କୁକୁରଙ୍କ ଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚନ୍ଦକା ବନବିଭାଗକୁ ଖବର ଦେଇଥିଲେ । ଖବରପାଇ ବନ ବିଭାଗର କର୍ମଋରୀ ମାନେ ଆସି ହରିଣଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ।




## ସ୍ୱଇଚ୍ଛାରେ ଅଙ୍ଗଦାନ କରିବେ ୧୦ଜଣ ବ୍ୟକ୍ତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହେବାପରେ ୧୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିଜ ଶରୀର ଦାନ ପାଇଁ ଅଙ୍ଗୀକାର କରିଥିଲେ । ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନରେ ଥିବା ଗୋଷ୍ଠେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଅଙ୍ଗଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ବୁଝାଯିବାରୁ ପ୍ରାୟ ୧୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିଜ ସ୍ୱଇଚ୍ଛାରେ ଅଙ୍ଗଦାନ କରିବାକୁ ରାଜି ହୋଇଛନ୍ତି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାଦେବ ମନ୍ଦିରର ପରିଚାଳକ ବିଷ୍ଣୁଚରଣ ମହାପାତ୍ର, ମନୋଜ କୁମାର ରାଉତ, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ରମାକାନ୍ତ ନାଥ, ଧନେଶ୍ୱର ସେଠୀ, ଇନ୍ଦ୍ରମଣି ନାୟକ, ଜିଲ୍ଲା ଅଙ୍ଗଦାନ ଅଭିଯାନର ସଭାପତି ବିଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।



## ଶ୍ରମିକ କଲ୍ୟାଣ କାର୍ଡ ବାଣ୍ଟିଲେ ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**

ରବିବାର ସନ୍ଧ୍ୟା ୬ଟା ସମୟରେ କଟକ ମେୟର ସୁବାସ ସିଂ ତାଙ୍କର ଅଭିଯୋଗ ପ୍ରକୋଷ୍ଠରେ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକ ମାନଙ୍କୁ ରାଜ୍ୟ ସରକାର ଅନୁମୋଦନ ପ୍ରାପ୍ତ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ । ଏହି ଯୋଜନା ଅନ୍ତର୍ଗତ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକ କଲ୍ୟାଣ ଯୋଜନାର ଅନ୍ତର୍ଗତ ଭିନ୍ନ ଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ମେୟର ଶ୍ରୀ ସିଂ ସମସ୍ତଙ୍କୁ ବୁଝାଇଥିଲେ । ଏହି ସଭାରେ ମେୟର ସୁବାସ ସିଂଙ୍କ ସହିତ ରାଧିକା ଜୀ, ସରସ୍ୱତୀ ପରମାନିକ୍, ରୁପକାନ୍ତି ଦାସ, ବିନ ଡାକୁଆ, ମନୋଜ କୁମାର ସ୍ୱାଇଁ, ଚକ୍ରଧର ପଣ୍ଡା, ଶରତ ଚନ୍ଦ୍ର ସାହୁ, ରାଜେନ୍ଦ୍ର ମାଝୀ, ବାସନ୍ତୀ ସାହୁ, ଉମେଶ କୁମାର ଦାସ, ପୁଷ୍ପଲତା ଦାସ, ରାଜଲକ୍ଷ୍ମୀ ସାହୁ, ପ୍ରଶାନ୍ତ କୁମାର ବେହେରା, ପଦ୍ମଲୋଚନ ଘଡାଇ, ବାସନ୍ତୀ ସାହୁ, କ୍ରିଷ୍ଣାରାଣୀ ବିଶ୍ୱାଳ, ନିରଞ୍ଜନ ସାହୁ ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ସକିଲ ଅଖତାର, ଜନ ଆଶିଷ ବରାଳ, ସୟିଦ ଶେଖାତ ଅଲି, ମିହିର ରଞ୍ଜନ ସାହୁ, ଅବିନାଶ ମଲ୍ଲ, ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମୀଣ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ଚାନ୍ଦବାଲି, ନ୍ୟୁଜ୍ ବ୍ୟୁରୋ**




ବୈତରଣୀ ମହିଳା ସମବାୟ ସମିତିର ୨୦ତମ ବାର୍ଷିକ ସାଧାରଣସଭା ସ୍ଥାନୀୟ ଭେଙ୍କଟେଶ୍ୱର ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାନେତ୍ରୀ ଅଳକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ଚାନ୍ଦବାଲି ଏନଏସିର ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଓ ଚାନ୍ଦବାଲି ପଞ୍ଚାୟତ ସମିତିର ଅଧ୍ୟକ୍ଷା ମିନତୀ ସୁତାର ଯଥାକ୍ରମେ ମୁଖ୍ୟଅତିଥି ଏବଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଚାନ୍ଦବାଲି ଏବଂ ଧାମନଗର ନିର୍ବାଚନ ମଣ୍ଡଳୀର ଗ୍ରାମୀଣ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ବୈତରଣୀ ମହିଳା ସମବାୟ ସମିତିର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ସମବାୟ ସମିତିର ମୁଖ୍ୟ କାର୍ଯ୍ୟାଳୟ ଚାନ୍ଦବାଲିରେ ଥିବାବେଳେ ଏହାର ଧାମରା, ପୀରହାଟ, ଆରଡ଼ି ଏବଂ ଧୁସୁରୀରେ ଶାଖାମାନ ଖୋଲାଯାଇ ମହିଳାମାନଙ୍କ ସଞ୍ଚୟ ଓ ଏବଂ ବିଭିନ୍ନ ଆୟ ଅଭିବୃଦ୍ଧି ଯୋଜନାରେ ଋଣ ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଏନ୍‌ଏସି କାଉନ୍‌ସିଲର ସାଦିଆ ସେହେରାଜ୍ ମତବ୍ୟକ୍ତ କରିଥିଲେ । ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଘମିତ୍ରା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିବା ସହିତ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଅନୁଷ୍ଠାନର ଆୟ, ବ୍ୟୟ ସଭାରେ ଉପସ୍ଥାପନ କରିଥିଲେ । ଏହାକୁ ଉପସ୍ଥିତ ସମସ୍ତ ସଦସ୍ୟା କରତାଳି ଦେଇ ଅନୁମୋଦନ କରିଥିଲେ । ସମିତି ବୋର୍ଡ଼ର ଉପସଭାପତି ଛଇଳବାଳା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ବୋର୍ଡ଼ ସଦସ୍ୟା ଶକୁନ୍ତଳା ରାଉତ, ଶୈଳବାଳା ମହାନ୍ତି, ଶାନ୍ତିଲତା ଧଳ, ସାବିତ୍ରୀ ବାରିକ୍, ବରିଷ୍ଠ ସଦସ୍ୟା ଚନ୍ଦ୍ରକାନ୍ତି ଦାସ, କୁଳତା ଦାସ ଓ ପ୍ରଭାତୀ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଖରାଦିନେ ଗ୍ରୀଷ୍ମକଷ୍ଟରୁ ଉପଶମ ପାଇବା ନିମନ୍ତେ ଶାଖା ଗୁଡ଼ିକରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଇବା ସହ ଆରଡ଼ି ଓ ଧୁସୁରୀ ଶାଖାରେ ନିଜସ୍ୱ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ । ଆରଡ଼ି ଶାଖା ପରିଚାଳକ ଜୟନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୀରହାଟ ଶାଖା ପରିଚାଳକ ଅମରେନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ ।

## ପଦ୍ମବନ ରୂପାନ୍ତରଣର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଦ୍ମବନ ପୀଠର ପ୍ରସିଦ୍ଧ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ପୀଠକୁ ରୂପାନ୍ତରୀକରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ରାଜ୍ୟ ସରକାର ଏହି ପୀଠର ଉନ୍ନତି କରଣ ନିମନ୍ତେ ୨୪.୯୭ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । କିନ୍ତୁ ସ୍ଥାନୀୟ ଲୋକମାନଙ୍କର ସାହାଯ୍ୟ ସହଯୋଗ ରହିଲେ ପୀଠର ଉନ୍ନତି ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ଓ ପୀଠର ଉନ୍ନତି କରଣ ଖୁବ୍‌ଶୀଘ୍ର ହୋଇପାରିବ ବୋଲି ଶ୍ରୀ ପାଣ୍ଡିଆନ ମତବ୍ୟକ୍ତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଏହି ପୀଠର ଜମି ଅଧିଗ୍ରହଣ ନିମନ୍ତେ ବିବାଦ ଲାଗି ରହିଥିବା ଘଟଣା କାହାରିକୁ ଅଛପା ନାହିଁ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ଜିଲ୍ଲାପାଳ ବିନିଦ ଭରଦ୍ୱାଜ, ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାଷ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ଅନିତା ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସମେତ ବହୁ ନେତୃମଣ୍ଡଳୀ ଯୋଗଦେଇଥିଲେ ।

## ସ୍ୱାଭିମାନ ପକ୍ଷରୁ ୧୨ ଘଣ୍ଟିଆ ନୂଆପଡ଼ା ବନ୍ଦ



**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିରୁଦ୍ଧରେ ଇଡି ଭିଜିଲାନ୍ସ ତଦନ୍ତ ତଥା ୧୧ ଦଫା ଦାବି ନେଇ ନୂଆପଡା ସ୍ୱାଭିମାନ ମଞ୍ଚ ତରଫରୁ ସୋମବାର ୧୨ ଘଣ୍ଟିଆ ନୂଆପଡା ବନ୍ଦ ଡାକରା ଦିଆଯାଇଥିଲା । ଯାହାକି ସଫଳ ହୋଇଛି । ଚକ ଅଖ ଦୋକାନ ବଜାର ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ୩୫୩ ଜାତୀୟ ରାଜପଥକୁ ସ୍ଥାନୀୟ ଏକତା ଛକଠାରେ ଅବରୋଧ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପଟରେ ଶତାଧିକ ବସ୍ ଟ୍ରକ୍ ଛିଡା ହୋଇ ରହିଥିଲା । ଏହି ବନ୍ଦ ପାଳନରେ ବିଜେଡି ରାଜ୍ୟ ସମ୍ପାଦକ ସରୋଜ ସାହୁ, ଜିଲ୍ଲା ସଭାପତି ମନୋଜ ମିଶ୍ର ଉପ ସଭାପତି ଭାନୁ ମାଝୀ, ଜିଲ୍ଲା ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ସୁଧୀର ମିଶ୍ର ହେମନ୍ତ କର ଓ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

## ନିଖୋଜର ୪ ଦିନ ପରେ ନଦୀରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଖୋଜର ୪ ଦିନ ପରେ ନଦୀରୁ ଜଣେ ଯୁବତୀଙ୍କ ଗଳିତ ଶବ ଉଦ୍ଧାର ହେବା ଘଟଣାଟି ସାଧାରଣରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି । ଗତ ୫ ତାରିଖ ଦିନ ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ଗ୍ରାମପଞ୍ଚାୟତ ଲେଣ୍ଡୁରାଭଗବାନପୁର ଗ୍ରାମର ଅଟଳ ବିହାରୀ ବେଉରାଙ୍କ ସାନ ଝିଅ ପ୍ରୀତିମୟୀ ବେଉରା (୨୫) ସ୍ଥାନୀୟ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀର ଲେଣ୍ଡୁରାଗଭବାନପୁର କେନ୍ଦୁପାଟଣା ଘାଟକୁ ଗାଧୋଇବା ନିମନ୍ତେ ଯାଇଥିଲେ । ଦୀର୍ଘ ସମୟ ଧରି ଝିଅ ନଫେରିବାରୁ ପରିବାର ଲୋକେ ସନ୍ଦେହ କରିଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତା ପାଇନଥିଲେ । ଶେଷରେ ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀ ଶଯ୍ୟାରେ ତନ୍ନ ତନ୍ନ କରି ଦୀର୍ଘ ସମୟ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତା ପାଇନଥିଲେ । ପରେ ପ୍ରତିମୟୀଙ୍କ ଗଳିତ ଶବ ସ୍ଥାନୀୟ ସାନ୍ତପୁର ଗ୍ରାମପଞ୍ଚାୟତ ମାଣିକିପୁର ଘାଟ ନିକଟରେ ଭାସୁଥିବାର ଦେଖିବାକୁ ଲୋକେ ପାଇଥିଲେ । ଏ ସମ୍ପର୍କରେ ତାଙ୍କ ପରିବାରକୁ ଖବର ଦିଆଯିବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଚିହ୍ନଟ କରିଥିଲେ । ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରୀତିମୟୀଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି । ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## କେନ୍ଦ୍ର ସରକାରଙ୍କ ପ୍ରୟାସରେ କେନ୍ଦୁଝର ଜିଲ୍ଲାର ବିକାଶ ଘଟୁଛି:ବିଜେପି

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ଜିଲ୍ଲା ବିଜେପି ପାଖରୁ କେନ୍ଦୁଝର ସହରର ଶହୀଦସଦନ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ବର୍ମା। ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ନାୟକ, କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠାନିକ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ ଯୋଗଦେଇଥିଲେ । ବିଜେପି ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ କାର୍ଯ୍ୟକ୍ରମ ପରିଋଳନା କରିଥିଲେ । ବିରୋଧୀଦଳ ମୁଖ୍ୟ ସଚେତକ ଶ୍ରୀ ମାଝୀ କେନ୍ଦୁଝରରେ ନୂତନ ଟ୍ରେନ୍ ଚଳାଚଳ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଜିଲ୍ଲାକୁ ମିଳୁଥିବା ସୁଫଳ ଉପରେ ଆଲୋଚନା କରିଥିଲେ । କେନ୍ଦୁଝରଗଡ଼ ବାଦାମପାହାଡ଼ ରେଳ ଲାଇନ୍, ବାଁଶପାଣି ବଡ଼ବିଲ ସଂଯୋଗୀକରଣ ବିଷୟରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁଥିବା ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଶ୍ରୀ ମାଝୀ କହିଥିଲେ । କେନ୍ଦ୍ର ସରକାରଙ୍କ ପ୍ରୟାସ ଯୋଗୁ ହୋଇଥିବା କେନ୍ଦୁଝର ଜିଲ୍ଲାର ପ୍ରଗତି ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ଏହା ସହିତ କେନ୍ଦୁଝର ଜିଲ୍ଲାକୁ ସରକାରୀ ହିସାବରେ ଓ ଜନଗଣନା ଆଧାରରେ ଆବଶ୍ୟକୀୟ ଭାଗ ମିଳୁନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ବିଜେପିର ନେତୃତ୍ୱମାନେ କେନ୍ଦୁଝର ଏକ ନମ୍ବର ଜିଲ୍ଲା ହୋଇଥିବା ବେଳେ ଏହି ଜିଲ୍ଲାରେ ଆବଶ୍ୟକୀୟ ଉନ୍ନତ୍ତି ପାଇଁ ରାଜ୍ୟ ରାଜକୋଷରୁ ଅର୍ଥ ଆସିବା ପରିବର୍ତ୍ତେ ସମସ୍ତ ଅର୍ଥ ଡିଏମ୍‌ଏଫ ଅର୍ଥରୁ ଖର୍ଚ୍ଚ କରାଯାଉଥିବା ପ୍ରକାଶ କରିଥିଲେ । ପୂର୍ବତନ ସାଂସଦ ଅନନ୍ତ ନାୟକ ଆଗାମୀ ଦିନରେ ମେଣ୍ଟ ହେବକି ବୋଲି ସମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କୌଣସି ସୂଚନା ଏପର୍ଯ୍ୟନ୍ତ ନଥିବା ଉତ୍ତର ରଖିଥିଲେ ।

## ଚୋରା କାଠ ବୋଝେଇ ଟ୍ରକ୍ ଜବତ:ଜଣେ ଗିରଫ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଳିମାଟି ଠାରେ ଘଟଗାଁ ବନ ବିଭାଗ ପକ୍ଷରୁ ଚୋରା କାଠ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି । ବିଶେଷ ସୂତ୍ରରୁ ଖବରପାଇ ଘଟଗାଁ ରେଞ୍ଜର ପ୍ରଭାସ କୁଅଁର ଏବଂ ବନ ବିଭାଗର କର୍ମଋରୀମାନେ ବିଭିନ୍ନ ସ୍ଥାନରେ ରହି ସାଆନ୍ତରାପୁରରୁ ଆନନ୍ଦପୁର ଆଡ଼କୁ ଆସୁଥିବା ଏକ ଚୋରା ଶାଗୁଆନ କାଠ ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ ଜବତ କାଠର ଆନୁମାନିକ ମୂଲ୍ୟ ୮ ରୁ ୧୦ ଲକ୍ଷ ଟଙ୍କା ଭିତରେ ହେବ ବୋଲି ଜଣାପଡିଥିଲା ବେଳେ ଗିରଫ ଟ୍ରକ୍ ଡ୍ରାଇଭର ପଦ୍ମପୁରର ବିଦ୍ୟାଧର ସାହୁ ବୋଲି ଜଣାପଡିଛି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ଗ୍ରୁପ୍‌ର ସହାୟତା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତ ମାର୍ଚ୍ଚ ୧୦ ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଫିସର ଗ୍ରୁପ୍ ତରଫରୁ ସଞ୍ଜିବନୀ ଋରିଟେବୁଲ ସଂସ୍ଥା ଦ୍ୱାରା ପରିଋଳିତ ଅନାଥାଶ୍ରମରେ ରହୁଥିବା ପିଲାମାନଙ୍କ ପାଇଁ ୪୫,୦୦୦ ଟଙ୍କା ପ୍ରଦାନ କରାଯାଇଛି । ସୁକାନ୍ତ ମହାନ୍ତି ଏହି ଅଫିସର ଗ୍ରୁପ୍ ତରଫରୁ ସହାୟତା ରାଶି ସଂସ୍ଥାର ପରିଋଳକ ଶକ୍ତି ବେହେରା ଏବଂ ଦୁର୍ଗା ଚରଣ ମଲ୍ଲଙ୍କୁ ପ୍ରଦାନ କରିଛନ୍ତି । ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଆଞ୍ଚଳିକ ଶାଖା ମଧ୍ୟ ୧୫,୦୦୦ ଟଙ୍କା ପ୍ରଦାନ କରିଛନ୍ତି । ଶିମିଲି ମହାନ୍ତିଙ୍କ ତରଫରୁ ମା' ବିଶ୍ୱରୂପା ମହାନ୍ତି ମଧ୍ୟ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି । ସହାୟତା ଗ୍ରହଣ ପରେ ପିଲାମାନଙ୍କ ଦ୍ୱାରା ଅତିଥିମାନଙ୍କ ଆଗରେ ଅନାଥାଶ୍ରମର ପିଲାମାନେ ସଙ୍ଗୀତ ପରିବେଷଣ କରିଥିଲେ । ଏକ ପ୍ରାର୍ଥନା ସଭା ମଧ୍ୟ ଅୟୋଜିତ ହୋଇଥିଲା । ସୁକାନ୍ତ ମହାନ୍ତି ଓ ତାଙ୍କ ପରିବାର ତରଫରୁ ଶେଷରେ ଅନ୍ନସେବା କରାଯାଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୩।୨୦୨୪, ଫାଲ୍‌ଗୁନ ଦ୩୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୫।୫୭।୩୪ ଚନ୍ଦ୍ରୋଦୟ- ଦିଘ୭।୫୭।୦୬**

ଚତୁର୍ଥୀ - ରାଘ ୧।୨୬ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର- ସଂଘ ୬।୨୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧।୨୬ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୭।୩୫ ମଧ୍ୟେ, ଦିଘ ୧।୫୪ ଗତେ ଘ ୫।୦୫ ମଧ୍ୟେ । **ପର୍ବୋତ୍ସବ -** ମାସାନ୍ତ ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଲାଭବାନ୍ ହେବେ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ହଠାତ୍ ଶୁଭ ଖବର ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ସ୍ୱାଭିମାନୀ ହେବେ । ଦୂରଯାତ୍ରା କରିପାରନ୍ତି ।



**ମିଥୁନ:** ବାଧା ପ୍ରତିବନ୍ଧକ ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଲୋକପ୍ରିୟତା ଅର୍ଜନ କରିବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**କର୍କଟ:** ଯଶଖ୍ୟାତି ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ଆର୍ଥିକ ସ୍ଥିତିରେ ଉନ୍ନତିର ଆଶା କରାଯାଏ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ । ମହିଳାମାନେ ସୁଖୀ ହେବେ ।



**ସିଂହ:** ବିବାଦର ସମ୍ମୁଖୀନ ହେବେ । ସେବା କାର୍ଯ୍ୟରେ ଯୋଗ ଦେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ଅଧିକ ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।



**କନ୍ୟା:** ପାରିବାରିକ କଳହ ନେଇ ମନରେ ଦୁଃଖ ଦେଖାଦେଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି ।



**ତୁଳା:** ମାନସିକ ସ୍ତରରେ ଦ୍ୱନ୍ଦ୍ୱର ଶିକାର ହୋଇପାରନ୍ତି । କର୍ମକ୍ଷେତ୍ରରେ ଜୟଯୁକ୍ତ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**ବିଛା:** ପରୋପକାରୀ ହେବେ । କଠିନ ପରିଶ୍ରମର ସମ୍ମୁଖୀନ ହୋଇପାରନ୍ତି । ଆୟର ପରିମାଣ ବଢ଼ିବାର ସୂଚନା । ପାରିବାରିକ ଆନନ୍ଦ ଲାଭ ହେବ । ବିବାଦ କ୍ଷେତ୍ରରେ ଅବସାନ ଘଟିବ । ମନ ଭଲ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । ହଠାତ୍ ଧନ ପ୍ରାପ୍ତି ହୋଇପାରେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନ କରିବେ । ଶତ୍ରୁ ନାଶ ହେବେ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମକର:** କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ଶରୀର ସୁସ୍ଥ ରହିବ । ଆୟ ଯୋଗ ରହିଛି । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ । ଶତ୍ରୁଙ୍କ ପରିମାଣ ବଢ଼ିବ । ମନ ଭଲ ରହିବ ।



**କୁମ୍ଭ:** ମନ ପ୍ରସନ୍ନ ରହିବ । ବିବାଦୀୟ ଘଟଣାରେ ବିଜୟୀ ହେବେ । ଯଶ ଲାଭ ହେବ । ବନ୍ଧୁଙ୍କ ଠାରୁ ସମ୍ମାନିତ ହେବେ । ଦୂରଯାତ୍ରା କରିପାରନ୍ତି । ପିଲାମାନଙ୍କ ପାଠ ପଢ଼ାରେ ମନ ଦେବେ ।



**ମୀନ:** ଦୀର୍ଘ ଦିନର ଆଶା ଆପଣଙ୍କର ପୂରଣ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଲାଭ ହେବ । ମନ ଭଲ ରହିବ । ସାମାଜିକ ସ୍ତରରେ ସମ୍ମାନିତ ହେବେ ।



## ନଖରାରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ କଥାମୃତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଖାରବେଳ ଇଷ୍ଟେଟ ଉନ୍ନୟନ ନଖରା ପକ୍ଷରୁ ଶ୍ରୀ ଜଗନ୍ନାଥ କଥାମୃତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ଭୁବନେଶ୍ୱରର ସହଯୋଗରେ କରାଯାଇଥିଲା । ପ୍ରଥମେ କେ. ଲକ୍ଷ୍ମୀନାରାୟଣ ବାଳକୃଷ୍ଣ ପଣ୍ଡା ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ । ସୋସାଇଟିର ସଭାପତି ବେଣୁଧର ମହାନ୍ତି ସମ୍ପାଦକ ଅକ୍ଷୟ କୁମାର ଉପାଧ୍ୟାୟ ସଭାପତି ସଞ୍ଚିତା ମହାନ୍ତି ଓ ସଂସ୍କୃତି ପରିଷଦ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ପରିଷଦ ପକ୍ଷରୁ ସଭାପତି ସଞ୍ଚିତା ମହାନ୍ତି ଓ ପ୍ରଭାତ କୁମାର ନନ୍ଦ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍କନ୍ଦ ପୁରାଣ ବିଷୟରେ ସମ୍ୟକ ସୂଚନା ଦେଇଥିଲେ । ସୋସାଇଟି ପକ୍ଷରୁ ପ୍ରବକ୍ତା ଭାସ୍କର ବେହେରାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ସଭାରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, ବରିଷ୍ଠ ସଦସ୍ୟ ରବିନାରାୟଣ ମିଶ୍ର, ନିରଞ୍ଜନ ପଣ୍ଡା, ଗାନ୍ଧୀ ଚୌଧୁରୀ, ଗୌରାଙ୍ଗ ଚରଣ ନାୟକ, ଅଖିଳ କୁମାର ସାହୁ, ବିଷ୍ଣୁପଦ ଦାଶ, ମଳୟ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ବୋର୍ଡର କ୍ଲିନ୍ ଚିଟ୍ ପରେ ଆଇପିଏଲ୍‌ରେ ପନ୍ତ ଡୁଲାଇବେ ଡବଲ୍ ରୋଲ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୪୭ ● ୧୩ ମାର୍ଚ୍ଚ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-47 ● 13rd March 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24




# ପୁରୀ ସେବାୟତମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୩
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି । ଏଥିରେ ବିଭିନ୍ନ ଭତ୍ତା ପରିମାଣ ଓ ସ୍ୱାସ୍ଥ୍ୟ ବୀମାରେ ବୃଦ୍ଧି କରାଯାଇଥିବା ବେଳେ ପରିବାରର ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ସବୁ କଲ୍ୟାଣ ଯୋଜନା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି ।

ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିର ପରିକ୍ରମା



ପ୍ରକଳ୍ପ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନେକ ଥର ପୁରୀ ଗସ୍ତ କରିଛନ୍ତି । ଏହି ଅବସରରେ ସେବାୟତମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ସେବାୟତମାନଙ୍କ କଲ୍ୟାଣ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି ।

ଘୋଷଣା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ସେବାୟତ ଓ ତାଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଦିଆଯାଉଥିବା ବୀମା ରାଶି ପରିମାଣକୁ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଗୁରୁତର ରୋଗର ଚିକିତ୍ସା ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବ । ସେହିଭଳି *(ଭିତର ପୃଷ୍ଠାରେ)*

# ନିର୍ବାଚନୀ ବଣ୍ଡ: ଶେଷରେ ତଥ୍ୟ ଦେଲା ଏସ୍‌ବିଆଇ

ନୂଆଦିଲ୍ଲୀ, ୧୨।୩

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଚେତିଛି ଏସ୍‌ବିଆଇ । ନିର୍ବାଚନୀ ବଣ୍ଡ ତଥ୍ୟ ଦେବାକୁ ବିଭିନ୍ନ ପ୍ରକାରର ଆଳ ଦେଖାଉଥିବା ଏସ୍‌ବିଆଇ ଶେଷରେ ମୁଣ୍ଡ ନୁଆଁଇଛି । କାମ ଦେଇନି ତଥ୍ୟ ଲୁଚାଇବା ପାଇଁ ଏସ୍‌ବିଆଇର କୌଣସି ବାହାନା ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ଦେଶର ସର୍ବବୃହତ୍ତ ବ୍ୟାଙ୍କ ନିର୍ବାଚନ କମିଶନଙ୍କୁ ନିର୍ବାଚନୀ ବଣ୍ଡ ସଂକ୍ରାନ୍ତ ତଥ୍ୟ ଦେଇଛି । ଏହି ତଥ୍ୟକୁ ଆସନ୍ତା ୧୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ନିର୍ବାଚନ କମିଶନ ନିଜ ୱେବ୍ ସାଇଟ୍‌ରେ ସାର୍ବଜନୀନ କରିବେ ।

ସୁପ୍ରିମକୋର୍ଟ ଫେବୃୟାରୀ ୧୫ ତାରିଖରେ ଏସବିଆଇକୁ ପ୍ରଥମେ ନିର୍ବାଚନ କମିଶନଙ୍କ ନିକଟରେ ମାର୍ଚ୍ଚ ୧୨ ସୁଦ୍ଧା ନିର୍ବାଚନୀ ବଣ୍ଡ ଦାଖଲ କରିବାକୁ କହିଥିଲେ । କିନ୍ତୁ ୨ ସପ୍ତାହ



ପରେ ହଠାତ ଏସବିଆଇ ଗୋଟିଏ ଆବେଦନ ସୁପ୍ରିମକୋର୍ଟରେ ଦାଖଲ କରିଥିଲା । ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନ ବଣ୍ଡର ବିବରଣୀ ଦାଖଲ କରିବାକୁ ଏସବିଆଇ ଜୁନ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା ।

ଯୁକ୍ତି ଉପସ୍ଥାପନ କରିବା ବେଳେ ଏସ୍‌ବିଆଇର ଓକିଲ ହରିଶ ସାଲଭେ ବିଭିନ୍ନ ପ୍ରକାରର ଆଳ ଦେଖାଇ ସମୟ ମାଗିବାକୁ ଚେଷ୍ଟା କରିଥିଲେ । ସେ କେତେବେଳେ ତଥ୍ୟ ମେଳାଇବାକୁ ପଡିବ ତ ଆଉ କେତେବେଳେ କହିଲେ ଏତେ ଶୀଘ୍ର ଦସ୍ତାବିଜ ଦାଖଲ କରିବା ସହଜ ନୁହେଁ । ସେ ବିଭିନ୍ନ ପ୍ରକାରର ଦଲିଲ ଦେଇଥିଲେ ମଧ୍ୟ ସର୍ବୋଚ୍ଚ ଅଦାଲତ କିଛି ବି ଶୁଣି ନଥିଲେ । ସୋମବାର ଶୁଣାଣି ବେଳେ ଏସବିଆଇକୁ ସୁପ୍ରିମକୋର୍ଟ ତାଗିଦ କରି ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଥିଲେ ।

ମଙ୍ଗଳବାର ଏସ୍‌ବିଆଇ ସନ୍ଧ୍ୟା ୫.୩୦ ବେଳକୁ ନିର୍ବାଚନ କମିଶନଙ୍କ ନିକଟରେ ନିର୍ବାଚନୀ ବଣ୍ଡର ତଥ୍ୟ ଦାଖଲ କରିଛି । ଏବେ ନିର୍ବାଚନ କମିଶନ ୧୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଏହାକୁ ଅପଲୋଡ କରୁଛନ୍ତି କି ନାହିଁ, ତା ଉପରେ ସମସ୍ତଙ୍କ ନଜର ରହିଛି ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସକାଳ



ମହିଳା ଯେତକ ଚାକିରିରେଛନ୍ତି
ଆହାକି ଦେଖିବ ଖୁସି
ପନ୍ଦରଟାଛୁଟି ପଚିଶି ହେଲା
ବଦଳିଲା ଭାଗ୍ୟ ହସି
ଆଜି ବୁଧବାରେ ହେବ ଖାସି
ଦଶଟା ଛୁଟିକି କମ୍ ହେଇଛି
ପୁରୁଷ ଭାବନ୍ତି ବସି !!

# ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ପାରିତୋଷିକ ଓ ବୈଠକ ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୧୨।୩ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପଞ୍ଚାୟତିରାଜ ପ୍ରତିନିଧିମାନେ ତାଙ୍କୁ ଭେଟି ଏହି ପାରିତୋଷିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ ।

ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପରିଷଦ ସଭାପତିମାନେ ୯,୩୮୦ ଟଙ୍କା ପରିବର୍ତ୍ତେ ୩୦,୦୦୦ ଟଙ୍କା ମାସିକ ପାରିତୋଷିକ ପାଇବେ । ସେମାନଙ୍କ ଦୈନିକ ଭତ୍ତା 'ଡିଏ ଯୁକ୍ତ ସିଟିଂ ଫି' ମଧ୍ୟ ୩୦୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଜିଲ୍ଲା ପରିଷଦ ଉପ-ସଭାପତିମାନଙ୍କ ପାରିତୋଷିକ ୭,୦୪୦ ଟଙ୍କାରୁ ୨୦,୦୦୦ ଟଙ୍କା କୁ ବୃଦ୍ଧି କରାଯାଇଛି ଏବଂ ସେମାନଙ୍କ ଭତ୍ତା ଡିଏ ଯୁକ୍ତ ଏସ୍‌ଏଫ ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଜିଲ୍ଲା ପରିଷଦ ସଦସ୍ୟମାନେ ପୂର୍ବରୁ ୩,୫୩୦ ଟଙ୍କା ପାଉଥିବା ବେଳେ ଏବେ *(ଭିତର ପୃଷ୍ଠାରେ)*

# ନିର୍ବାଚନ ପାଇଁ ବିଚଳିତ ନୁହଁନ୍ତି ନବୀନ



ଭୁବନେଶ୍ୱର, ୧୨।୩ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଓ ରାଜ୍ୟବାସୀ ବିଶେଷ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକଙ୍କ ମଙ୍ଗଳ ପାଇଁ ବିକାଶ ମୂଳକ କାର୍ଯ୍ୟକ୍ରମ କରୁଛନ୍ତି ଏବଂ ଅବିରତ ଭାବେ କରିଚାଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ତେଣୁ ନିର୍ବାଚନ ତାଙ୍କ ପାଇଁ ବୋଝ ନୁହେଁ ଏବଂ ଏଥିପାଇଁ ସେ ଆଦୌ ବ୍ୟସ୍ତ ବିବ୍ରତ ବା ବିଚଳିତ ନୁହଁନ୍ତି । ଏପ୍ରକାର ମତ ରଖିଛନ୍ତି ବିଶିଷ୍ଟ ସାମ୍ବାଦିକ ତଥା ବରିଷ୍ଠ ସ୍ତମ୍ଭକାର ପ୍ରଶାନ୍ତ ପଟ୍ଟନାୟକ ।

ସମୀକ୍ଷକ ଶ୍ରୀ ପଟ୍ଟନାୟକ କହିଛନ୍ତି ନିର୍ବାଚନ ପରିପ୍ରେକ୍ଷୀରେ ତାଙ୍କର ସମାଲୋଚନାକୁ ନବୀନ କୌଣସି ପ୍ରକାର ଖାତିର କରନ୍ତି ନାହିଁ କି ଗୁରୁତ୍ୱମଧ୍ୟ ଦିଅନ୍ତି ନାହିଁ । ଏପରିକି ସମାଲୋଚକଙ୍କର ପ୍ରଶ୍ନର ଉତ୍ତର ଦେଇ ନିଜର ସମୟ ନଷ୍ଟ କରିବାକୁ ମଧ୍ୟ ନବୀନ କେବେ ଚାହାଁନ୍ତି ନାହିଁ । ଏହାରି କାରଣ ହେଲା ନବୀନ କଥାରେ ନୁହେଁ *(ଭିତର ପୃଷ୍ଠାରେ)*




# ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ୧୩ ସଂଗଠନର କର୍ମକର୍ତ୍ତା

ଭୁବନେଶ୍ୱର, ୧୨।୩ : ନ୍ୟୁଜ୍ ବ୍ୟୁରୋ

ଲୋକଙ୍କ ସମସ୍ୟା ଶୁଣୁଛନ୍ତି ରାଜ୍ୟ ସରକାର ଓ ଏହାର ତୁରନ୍ତ କରାଯାଉଛି ସମାଧାନ । ଏହି କ୍ରମରେ ସରକାର ଦାବି ପୂରଣ କରିଥିବାରୁ ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି ୧୩ଟି ସଂଗଠନର କର୍ମକର୍ତ୍ତା ।

ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ରାଜ୍ୟରେ ଚାଲିଥିବା ରୂପାନ୍ତରଣ ଆମକୁ ଉତ୍ସାହିତ କରିଛି । ବଡ଼ ଲକ୍ଷ୍ୟ ହାସଲ କରିବା ପାଇଁ ସମର୍ପଣ ଭାବରେ ଆମେ କାମ କରିବୁ । ୫-ଟି ଅଧ୍ୟକ୍ଷ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓ ସଶକ୍ତ ଓଡ଼ିଶା ସ୍ୱପ୍ନକୁ ପୂରଣ କରିବା ଆମର ଏକମାତ୍ର ଲକ୍ଷ୍ୟ । ନୂଆ ଓ ସଶକ୍ତ ଓଡ଼ିଶା ପରିକଳ୍ପନା ସାକାର କରିବାକୁ ହେଲେ ସମସ୍ତଙ୍କୁ ସାମୂହିକ ଭାବେ ପ୍ରୟାସ କରିବାକୁ ପଡିବ ।

ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ନେତୃତ୍ୱରେ କୁକୁଡାଖଣ୍ଡି ଏନଏସିର ଜନତା ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କଟକ ମେୟର ସୁବାସ *(ଭିତର ପୃଷ୍ଠାରେ)*



ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ନିର୍ବାଚନ ପୂର୍ବରୁ ଖାଉଟିଙ୍କୁ ମିଳିପାରେ ଆଶ୍ୱସ୍ତି

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସୁଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ । ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି । ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଉଦ୍ୟାନଟି ରାଧାରମଣ ଦେବଙ୍କ ପୂଜକ ଶ୍ରୀପୁରୁଷୋତ୍ତମ ଗୋସ୍ୱାମୀଙ୍କର ଥିଲା। ଏହା ମଧ୍ୟରେ ଥିବା ଗୋଟିଏ କୁଟୀରରେ ପୁରୀଦାସ ଗୋସ୍ୱାମୀ ରହୁଥିଲେ। ପାନୀଘାଟସ୍ଥ ଚୈତନ୍ୟ କୁଟୀରେ ଶ୍ରୀଜଗନ୍ନାଥ ମହାପ୍ରଭୁ ପୂଜା ପାଉଛନ୍ତି। ତାହାପରେ ପଡ଼େ ରାଜଘାଟ। ଯେଉଁଠାରେ ପ୍ରଭୁ ବୁଢ଼ା ନାଉରୀ ବେଶରେ ରାଧାରାଣୀଙ୍କୁ ଯମୁନା ପାର କରାଇ ଦେଉଥିଲେ। ଓଡ଼ିଆ ଭକ୍ତ କବି ଦୀନକୃଷ୍ଣ ଦାସ ଏହାର ସୁନ୍ଦର ଚିତ୍ର ତାଙ୍କ ରଚିତ ବୁଢ଼ା ନାଉରୀ ପଦ୍ୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ସ୍ଥାନ ପରେ ପଡ଼େ ଚାମୁଣ୍ଡାଇ ଠାକୁରାଣୀଙ୍କ ମନ୍ଦିର। ଠାକୁରାଣୀଙ୍କୁ ଦର୍ଶନ କରିବା ପରେ ଆସେ ବୈଷ୍ଣବଦେବୀଙ୍କ ମନ୍ଦିର, ଗୋବିନ୍ଦ ଦାସଜୀ ମହାରାଜାଙ୍କ ମନ୍ଦିର, ଅଟଳବିହାରୀ ଲାଲ୍ ଓ ଗିରିରାଜଙ୍କ ପୀଠ। ଏହି ସବୁର ଦର୍ଶନ ପରେ ପଡ଼େ ଦାବାନଳ କୁଣ୍ଡ। ଏହି ସ୍ଥାନରେ ଗୋପବାଳକ ଏବଂ ଗୋଧନମାନଙ୍କୁ ପ୍ରଭୁ ଅଗ୍ନିବଳୟରୁ ରକ୍ଷା କରିଥିଲେ। ଏହାପରେ ପଡ଼େ ରାଧାଶ୍ୟାମକୁଣ୍ଡ। ଏହା ପରେ ପଡ଼େ ଯମୁନାର ଦ୍ୱାଦଶ ଘାଟ। ଏବେ ପୁରୁଣା ଦ୍ୱାଦଶ ଘାଟ ଯମୁନା କୂଳରୁ ପ୍ରାୟ ଅଧ କିଲୋମିଟର ଦୂରକୁ ଆସି ରହିଲାଣି। ମହାପ୍ରଭୁ ଯେଉଁଠାରେ କାଳୀୟ ନାଗକୁ ଦଳନ କରିଥିଲେ ସେହିଠାରେ ଗୋଟିଏ ବଡ଼ କଦମ୍ବଗଛ ରହିଛି ଓ ଏହି ବୃକ୍ଷକୁ ପଥରଦ୍ୱାରା ସଂରକ୍ଷିତ କରାଯାଇଛି। ଏହା କୁଆଡ଼େ ଦ୍ୱାପର ଯୁଗର ସେହି କଦମ୍ବଗଛ ବୋଲି ସେଠାର ସେବକମାନେ କହିଥାନ୍ତି। ବୃକ୍ଷର ଠିକ୍ ବାମ ପାର୍ଶ୍ୱରେ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ସପ୍ତଫଣା ବିସ୍ତାର କରି କଳା ମୁଗୁନି ପ୍ରସ୍ତରରେ କାଳୀୟନାଗ ସହ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ ଯେ କାଳୀୟଦଳନ ହ୍ରଦ ଏବେ ପୋତି ହେବା ସହ ଯମୁନାର ସ୍ରୋତ ଏଠାରୁ ଦୂରକୁ ଚାଲିଯାଇଛି। ସ୍ଥାନଟି ପୁରୁଣା ବୃନ୍ଦାବନର ଅନ୍ତର୍ଭୁକ୍ତ। ଓଡ଼ିଶାର ଜଗନ୍ନାଥଙ୍କ ପ୍ରତି ସେଠା ସେବକମାନଙ୍କର ଅତୁଟ ଶ୍ରଦ୍ଧା ଓ ଭକ୍ତି ଏପର୍ଯ୍ୟନ୍ତ ରହିଛି। ଏହାର କିଛି ଦୂରରେ ପଡ଼େ ସନାତନ ଗୋସ୍ୱାମୀଙ୍କ ଭଜନ କୁଟୀର ଓ ରାଧା ମଦନମୋହନଙ୍କ ମନ୍ଦିର। କେତେଜଣ ବଣିକଙ୍କ ଦାନ ଅର୍ଥରେ ଏହି ମନ୍ଦିର ନିର୍ମାଣ ହେବା ସହ ବିଗ୍ରହ ସ୍ଥାପନା ସନାତନ ଗୋସ୍ୱାମୀଙ୍କଦ୍ୱାରା କରାଯାଇଥିଲା। ସ୍ୱାମୀଜୀଙ୍କ ପୂଜିତ ମୂଳ ବିଗ୍ରହ ଏଠାରେ ଆଉ ନାହିଁ। ତାହା ରାଜସ୍ଥାନର କରୌଲୀକୁ ସ୍ଥାନାନ୍ତରିତ ହୋଇଯାଇଛି ବୋଲି ଆଗରୁ କୁହାଯାଇଛି। ମନ୍ଦିର ଚୂଡ଼ାରେ ଗୋଟିଏ ସ୍ୱର୍ଣ୍ଣ କଳସୀ ଥିଲା। ମାତ୍ର ଲୋଭଗ୍ରସ୍ତ ତସ୍କରମାନେ ସେହି ସ୍ୱର୍ଣ୍ଣ କଳସୀକୁ ଚୋରାଇ ନେଇଯାଇଥିଲେ। ବାଟରେ ସେମାନଙ୍କର ମୃତ୍ୟୁ ହୋଇ ଯାଇଥିଲା ବୋଲି କିମ୍ବଦନ୍ତୀ ପ୍ରଚଳିତ ଅଛି। ଏହି ଦ୍ୱାଦଶ ଘାଟ ମଧ୍ୟରେ ଅଛି ଶୃଙ୍ଗାର ଘାଟ। ରାଧାରାଣୀ ଏଠାରେ ବେଶ ପରିବର୍ତ୍ତନ କରିବା ସହ କେଶ ପ୍ରସାଧନ କରୁଥିଲେ। ଯମୁନା କୂଳ କେଶୀଘାଟ ନିକଟରେ ବିରାଟ କଦମ୍ବ ବୃକ୍ଷରେ ଗୋପୀମାନଙ୍କର ବସ୍ତ୍ରହରଣ ହୋଇଥିଲା ବୋଲି କୁହାଯାଏ। ଭକ୍ତମାନେ ନିଜର ମାନସିକ ପୂର୍ଣ୍ଣ ନିମନ୍ତେ ଏହି କଦମ୍ବଗଛରେ ବିଭିନ୍ନ ରଙ୍ଗରେ ଚିହ୍ନିତ ଖଣ୍ଡ ବସ୍ତ୍ରମାନ ବାନ୍ଧିଥାନ୍ତି। ଏହି ସବୁକୁ ଦେଖିଲେ ମନେହୁଏ ସତେ ଅବା ପ୍ରଭୁ ଗୋପୀମାନଙ୍କର ବସ୍ତ୍ରହରଣ କରି ଏଠାରେ ଟଙ୍ଗାଇ ରଖିଛନ୍ତି।

**ବାଙ୍କବିହାରୀ ମନ୍ଦିର:**

ବୃନ୍ଦାବନର ବର୍ତ୍ତମାନ ସବୁଠାରୁ ଆକର୍ଷଣୀୟ ପୂଜିତ ବିଗ୍ରହ ହେଉଛନ୍ତି ବାଙ୍କବିହାରୀ। ଖ୍ରୀ.ଅ. ୧୮୬୪ରେ ପ୍ରଭୁଙ୍କ ନିମନ୍ତେ ଏହି ମନ୍ଦିରର ନିର୍ମାଣ କରାଯାଇଥିଲା। ସ୍ୱାମୀ ହରିଦାସ ନିଧୁବନସ୍ଥ ଏକ କଦମ୍ବ ଗଛ ମୂଳରୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପାଇ ଏଠାରେ ରଖି ପୂଜା କରୁଥିଲେ। ସେ ଥିଲେ ସଙ୍ଗୀତଜ୍ଞ ତାନ୍‌ସେନଙ୍କ ସଙ୍ଗୀତଗୁରୁ। ଏଠାରେ ଅକ୍ଷୟତୃତୀୟା ଦିନ ଶ୍ରୀକୃଷ୍ଣଙ୍କର ପାଦପଦ୍ମର ଦର୍ଶନ ମିଳିଥାଏ। ଏହାଛଡ଼ା ଶ୍ରାବଣରେ ହେଉଥିବା ଝୁଲଣ ଯାତ୍ରାରେ ମଧ୍ୟ ଏଠାରେ ଭକ୍ତମାନଙ୍କର ସମାଗମ ହୋଇଥାଏ। ମାତ୍ର ଏହି ବିଗ୍ରହ ଶ୍ରୀଚୈତନ୍ୟଙ୍କଦ୍ୱାରା ଓଡ଼ିଶାରୁ ପଠାଯାଇଥିବାର ଅନ୍ୟ ଏକ ଐତିହାସିକ ମତ ରହିଛି।

**ରାଧାବଲ୍ଲଭ ମନ୍ଦିର:**

ହରିଦାସ ଗୋସ୍ୱାମୀଙ୍କଦ୍ୱାରା ପ୍ରତିଷ୍ଠିତ ରାଧାବଲ୍ଲଭ ମନ୍ଦିର ବୃନ୍ଦାବନର ଅନ୍ୟ ଏକ ଆକର୍ଷଣୀୟ ସ୍ଥାନ। ରାଧାବଲ୍ଲଭ ସଂପ୍ରଦାୟର ରାଧାରାଣୀଙ୍କ ପ୍ରତି ଭକ୍ତି ଯୋଗୁଁ ହିଁ ଏପରି ମନ୍ଦିର ବୃନ୍ଦାବନରେ ସ୍ଥାପିତ ହୋଇଥିଲେହେଁ ସେଠାରେ ତାଙ୍କର ବିଗ୍ରହ ନାହିଁ। ମାତ୍ର ଶ୍ରୀକୃଷ୍ଣଙ୍କ ବିଗ୍ରହ ନିକଟରେ ରାଧାଙ୍କ ମୁକୁଟ ରହି ପୂଜା ପାଉଛି। ଖ୍ରୀ.ଅ. ୧୬୭୦ରେ ମୁସଲମାନମାନେ ଏଠାରେ ଥିବା ପୁରୁଣା ମନ୍ଦିରକୁ ଭାଙ୍ଗି ଦେଇଥିଲେ।

**ଜୟପୁର ମନ୍ଦିର:**

ବୃନ୍ଦାବନରେ ଜୟପୁରର ମହାରାଜା ସୱାଇ ମାଧବ ସିଂହ ଖ୍ରୀ.ଅ. ୧୯୧୭ରେ ୩୦ବର୍ଷର ଶ୍ରମ ଫଳରେ ଏହି ମନ୍ଦିର ନିର୍ମାଣ କରାଇଥିଲେ। କନ୍ଦା ପ୍ରସ୍ତରରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ସୁନ୍ଦର। ବହୁତ ଗୁଡ଼ିଏ ଖମ୍ବ ନିର୍ମାଣ କରି ତାହା ଉପରେ ମନ୍ଦିରର ଛାତ ନିର୍ମାଣ ହୋଇଛି। ଜୟପୁରର ଏହି ମହାରାଜା ମଥୁରାରୁ ବୃନ୍ଦାବନକୁ ଛୋଟ ରେଳ ଧାରଣା ସଂଯୋଗ ନିମନ୍ତେ ଅର୍ଥଦାନ କରିଥିଲେ। କେବଳ ଏହି ମନ୍ଦିରର ନିର୍ମାଣ ନିମନ୍ତେ ଯୋଗାଯାଉଥିବା ଆବଶ୍ୟକୀୟ ପ୍ରସ୍ତରଖଣ୍ଡମାନ ଆଣିବା ନିମନ୍ତେ ସେତେବେଳେ ଏଭଳି ରେଳ ସଂଯୋଗର ଆବଶ୍ୟକତା ଥିଲା। ମନ୍ଦିର ମଧ୍ୟରେ ପୂଜିତ ବିଗ୍ରହ ମଧ୍ୟରେ ଅଛନ୍ତି ରାଧାମାଧବ, ଆନନ୍ଦବିହାରୀ ଓ ହଂସଗୋପାଳ।

**ସାହଜୀ ମନ୍ଦିର:**

ଖ୍ରୀ.ଅ. ୧୮୭୬ରେ ଲକ୍ଷ୍ନୌର ବିତ୍ତଶାଳୀ ଗହଣା ବ୍ୟବସାୟୀ ସାହା କୁନ୍ଦନ୍‌ଲାଲ୍ ଏହି ମନ୍ଦିର ନିର୍ମାଣ କରାଇଥିଲେ ଓ ପୂଜିତ ବିଗ୍ରହ ହେଉଛନ୍ତି ଛୋଟେ ରାଧାରମଣ। ମନ୍ଦିରର ମାର୍ବଲ କାର୍ଯ୍ୟ ଅତ୍ୟନ୍ତ ସୁନ୍ଦର ଏବଂ ୧୫ଫୁଟ ଉଚ୍ଚତାର ୧୨ଟି ମାର୍ବଲ ଖମ୍ବ ଉପରେ ତାହା ଅବସ୍ଥାପିତ। ମନ୍ଦିରସ୍ଥ ବାସନ୍ତୀ କାମରା ନାମକ ଦରବାର ହଲ୍‌ରେ ବେଲଜିୟମ କାଚ ଖୋଦିତ କାରୁକାର୍ଯ୍ୟ ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ବୃନ୍ଦାବନର ଏହା ଅନ୍ୟ ଏକ ଆକର୍ଷଣୀୟ ମନ୍ଦିର।

**କୃଷ୍ଣବଳରାମ ମନ୍ଦିର:**

ଅନ୍ତର୍ଜାତିକ କୃଷ୍ଣ ଚେତନା ସଂସ୍ଥାଦ୍ୱାରା ଖ୍ରୀ.ଅ. ୧୯୭୫ ମସିହାରେ ରମଣରେତିଠାରେ ଏହି ଭବ୍ୟ ମନ୍ଦିର ଉଦ୍‌ଘାଟିତ ହୋଇଥିଲା। ପୂଜିତ ମୁଖ୍ୟ ବିଗ୍ରହ ମଧ୍ୟରେ ଅଛନ୍ତି କୃଷ୍ଣ, ବଳରାମ, ରାଧାଶ୍ୟାମସୁନ୍ଦର ଏବଂ ଗୌରନିତାଇ। ଆର୍ନ୍ତଜାତିକ କୃଷ୍ଣ ଚେତନା ସଂସ୍ଥାର ପ୍ରତିଷ୍ଠାତା ପ୍ରଭୁପାଦଙ୍କର ସମାଧି ମନ୍ଦିର ମଧ୍ୟ ଏହି ପରିସର ମଧ୍ୟରେ ରହିଛି। ତାହା ସହିତ ଅତିଥିଶାଳା, ଭୋଜନାଳୟ, ଗୁରୁକୁଳ ଏବଂ ଗୋଶାଳା ମଧ୍ୟ ଏଠାରେ ଦେଖିବାକୁ ମିଳେ। ପୃଥିବୀର ବିଭିନ୍ନ ସ୍ଥାନରୁ ଆସୁଥିବା କୃଷ୍ଣ ଭକ୍ତମାନଙ୍କର ଏହି ସ୍ଥାନରେ ରହିବାର ବ୍ୟବସ୍ଥା ଅଛି।

**ବୃନ୍ଦାବନର ବିଧବା:**

ଏହି ପବିତ୍ର ନଗରୀରେ ବହୁ ମନ୍ଦିର ରହିଛି ଓ ସବୁଗୁଡ଼ିକ କୃଷ୍ଣ ଚେତନା ସହିତ ସମ୍ପୃକ୍ତ। ପ୍ରତି ମନ୍ଦିରରେ ହେଉଥିବା ଭଗବାନଙ୍କ ନାମକୀର୍ତ୍ତନ ମନରେ ଆଣିଥାଏ ଭକ୍ତିଭାବନା। ବାହାରର ଯେ କୌଣସି ପର୍ଯ୍ୟଟକ ବୃନ୍ଦାବନ ମଧ୍ୟରେ ପ୍ରବେଶ କଲେ ଦେଖିଥାଏ ପ୍ରତିଟିରେ କୃଷ୍ଣ ଚେତନାର ପ୍ରତିବିମ୍ବ। ମାତ୍ର ସେପରି ଚେତନା ମଧ୍ୟରେ ବୁଡ଼ି ରହିବାକୁ ମନରେ ଅସରନ୍ତି ଇଚ୍ଛା ଥିଲେ ମଧ୍ୟ ସାଂସାରିକ କର୍ମ ତତ୍ପରତା ହେତୁ ସେଠାରେ ରହିହୁଏ ନାହିଁ। ମାୟା ଓ ମୋହଗ୍ରସ୍ତ ଜୀବନର ଏହା ହିଁ ହେଉଛି ବ୍ୟତିକ୍ରମ। ତଥାପି ଜୀବନ ଜଞ୍ଜାଳର ସମସ୍ତ କର୍ମ ସରିଗଲା ପରେ ଧର୍ମପ୍ରାଣ ବୟସ୍କ ଓ ବୟସ୍କାମାନେ ସାଧାରଣତଃ ତୀର୍ଥସ୍ଥଳୀକୁ ଶେଷ ଆଶ୍ରୟସ୍ଥଳୀ ଭାବରେ ବାଛି ନେଇଥାନ୍ତି। ତୀର୍ଥରାଜ ବୃନ୍ଦାବନ ବା ସେଥିରୁ ବାହାରି ଯିବ କିପରି ?

ବିଶେଷତଃ ଆଜିର ସମୟରେ ହଜାର ହଜାର ସଂଖ୍ୟାରେ ବିଧବା ବୃଦ୍ଧାମାନେ ବୃନ୍ଦାବନର ଗଳିକନ୍ଦିରେ ଭିକ୍ଷାମାଗି ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ। କାହାର କେଉଁଠାରେ ନିଜର ଜନ୍ମଭୂମି ତାହା ଜଣାଯାଉନଥିଲେ ମଧ୍ୟ ସେମାନେ ସେଠାରେ ମିଳିମିଶି ରହିଥାନ୍ତି। ସେମାନଙ୍କର ଦୟନୀୟ ଅବସ୍ଥା ଦେଖିଲେ ଯେ କୌଣସି ଲୋକର ଆଖିରେ ଲୁହ ଆସିଯାଏ। ପରିବାରର ସମସ୍ତ ଦାୟିତ୍ୱ ସରିଗଲା ପରେ ସେହି ବୃଦ୍ଧାମାନଙ୍କୁ ଛାଡ଼ି ଦିଆଯାଏ ସେମାନଙ୍କର ଶେଷ ଆଶ୍ରୟସ୍ଥଳୀ ଭାବେ ଏହି ସ୍ଥାନକୁ। ଥରେ ତାଙ୍କୁ ଦେଖିବା ବା ଖୋଜିବା ପାଇଁ ପରିବାରରୁ କେହି ଆସନ୍ତି ନାହିଁ। ଛାଡ଼ିଗଲା ପରେ ଯେତିକି ଆର୍ଥିକ ସମ୍ବଳ ସେମାନଙ୍କ ପାଖରେ ଥାଏ ସେଥିରେ ସେମାନେ କିଛିଦିନ ଚଳିଯାଇଥାନ୍ତି। ତାହାପରେ ଆରମ୍ଭ ହୁଏ ଭିକ୍ଷାବୃତ୍ତି। ବଦାନ୍ୟ ବ୍ୟକ୍ତି ଭାବରେ ସମାଜରେ ନିଜକୁ ପରିଚିତ କରାଉଥିବା କେତେକ ଧନଶାଳୀ ବ୍ୟକ୍ତି ସେମାନଙ୍କ ରହିବା ନିମନ୍ତେ ବହୁ ସ୍ଥାନରେ ଘରମାନ ତିଆରି କରିଦେଇଛନ୍ତି। ସେହିସବୁ ଘରଗୁଡ଼ିକ ଏତେ ସଂକୀର୍ଣ୍ଣ ଯେ ତାହା ଭିତରେ ଜଣେ ଲୋକ ରହିବା ବି କଷ୍ଟକର ହୋଇଥାଏ। ଘର ସାମ୍ନାରେ ସେମାନଙ୍କ ନିମନ୍ତେ କରାଯାଇଥାଏ ଏକ ବଡ଼ ପ୍ରାର୍ଥନା ଘର ଯେଉଁଠାରେ ସେହି ବିଧବାମାନେ ବସି ଏକତ୍ର "ହରେ କୃଷ୍ଣ ହରେ ରାମ" ମହାମନ୍ତ୍ର ପ୍ରତିଦିନ ଗାନ କରିଥାନ୍ତି। ଦିନକୁ ଏହିପରି ଆଠ ଘଣ୍ଟା ଗାନ କଲେ ଭୋଜନ ନିମନ୍ତେ ମିଳିଥାଏ ଗୋଟିଏ ଟୋକନ୍। ଆଉ ଗାନ କରିନପାରିଲେ ଉପବାସରେ ରହିବାକୁ ପଡ଼େ। ଯେଉଁମାନେ ଏପରି ବ୍ୟବସ୍ଥା କରି ବିଧବାମାନଙ୍କୁ ରଖାଇପାରିଛନ୍ତି ସେମାନେ କେତେ ଦୟାବାନ୍ ତାହା ଏଥିରୁ ଜଣାପଡ଼ିଥାଏ। ଆତ୍ମୀୟସ୍ୱଜନମାନଙ୍କଠାରୁ ଅଲୋଡ଼ା ଓ ଅଦେଖା ହୋଇ ଏହିଭଳି ଦୂର ସ୍ଥାନରେ ସେମାନେ ଯେଉଁ ଯନ୍ତ୍ରଣା ଭୋଗିଥାନ୍ତି ତାହା ଉତ୍ତରପ୍ରଦେଶ ସରକାରଙ୍କ ଦୃଷ୍ଟିରେ ପଡ଼େ ନାହିଁ। ବୃନ୍ଦାବନକୁ ଆସିଥିବା ଏହି ବିଧବାମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ପଶ୍ଚିମ ବଙ୍ଗଳାର। କେବଳ ସେମାନଙ୍କର ଭାଷାରୁ ହିଁ ଏହା ଜଣାପଡ଼ିଯାଏ। କମ୍ ବୟସରେ ବିଧବା ହେଲେ ମଧ୍ୟ କେତେକ ପରିବାର ସେମାନଙ୍କୁ ଆଣି ଏହି ସ୍ଥାନରେ ଛାଡ଼ି ଦେଇଥାନ୍ତି। ବହୁ ଯୁବକଙ୍କ ଲୋଲୁପ ଦୃଷ୍ଟି ସେହି ଅଳ୍ପ ବୟସ୍କା ବିଧବାମାନଙ୍କ ଉପରେ ପଡ଼ିଥାଏ। ସେପରି ଲୋଲୁପ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ କେହି ନଥାନ୍ତି। ଗଣିକା ଦଲାଲମାନଙ୍କ ଅତ୍ୟାଚାରରୁ ସେମାନେ ମଧ୍ୟ ମୁକ୍ତି ପାଆନ୍ତି ନାହିଁ। ପ୍ରଭାତ ହେଲେ ଶହଶହ ବିଧବା ମହିଳା ଝାଡୁ ଧରି ବୃନ୍ଦାବନର ରାସ୍ତାଘାଟ ଓଳାଇ ପରିଷ୍କାର କରିବାରେ ବ୍ୟସ୍ତ ରହିଥାନ୍ତି। ଏପରି କରିବା ଦ୍ୱାରା ପ୍ରଭୁ ସନ୍ତୁଷ୍ଟ ହୁଅନ୍ତି ବୋଲି ସେହି ହତଭାଗିନୀମାନଙ୍କୁ ଧାରଣା ଦିଆଯାଇଥାଏ। କେତେକ ମଠ ମନ୍ଦିରମାନ ରହିଛି ଯେଉଁଠାରେ କି ସେମାନଙ୍କ ପାଇଁ କିଛିଟା ଖାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ଅଧିକାଂଶ ପ୍ରାୟ ଭିକ୍ଷାବୃତ୍ତି ଆବୋରି ବୃନ୍ଦାବନର ଗଳିକନ୍ଦିରେ ବୁଲୁଥିବାର ଦେଖାଯାଏ। ରୋଗରେ ପଡ଼ିଲେ ଚିକିତ୍ସା ପାଇଁ କେହି ନଥାନ୍ତି। ମରିଗଲେ ସେମାନଙ୍କ ସତ୍କାର ବି କେହି କରନ୍ତି ନାହିଁ। ମୁନ୍‌ସିପାଲ୍‌ଟିର ମେହେନ୍ତରମାନେ ସେମାନଙ୍କର ଶବକୁ ପୋତି ଦିଅନ୍ତି ବା ଦୂର ସ୍ଥାନରେ ଫୋପାଡ଼ି ଦେଇଥାନ୍ତି। ପରିବାର ଲୋକଙ୍କ ପାଖରେ ସେମାନଙ୍କ ମୃତ୍ୟୁ ଖବର ପହଞ୍ଚେ କି ନାହିଁ ତାହା ମଧ୍ୟ ଜଣା ନାହିଁ। କେବଳ ବୃନ୍ଦାବନ ନୁହେଁ ମଥୁରାରେ ମଧ୍ୟ ସେହିଭଳି ଦୃଶ୍ୟ ଦେଖିବାକୁ ମିଳେ। ପରିବାରରେ ଥିଲାବେଳେ ସେହି ବିଧବାମାନଙ୍କୁ ଅସହ୍ୟ ଯନ୍ତ୍ରଣା ଦିଆଯାଇଥାଏ। ସ୍ୱାମୀ ମରିଗଲା ପରେ ବିଧବା ସ୍ତ୍ରୀ ହୋଇଯାଏ ଅଲୋଡ଼ା। ସେମାନଙ୍କୁ ଦେଖିବା କାଳେ ଅଶୁଭ। ତେଣୁ ସେମାନଙ୍କର ଖାଇବା, ପିନ୍ଧିବା ଓ ଚାଲିଚଳଣରେ ମଧ୍ୟ ଲାଗୁ ହୋଇଯାଏ କଟକଣା। ନିଜର ପ୍ରତିବାଦ ସତ୍ତ୍ୱେ ଦୀର୍ଘକେଶୀ ସୁନ୍ଦରୀ ଯୁବତୀ ବିଧବାଙ୍କୁ ଲଣ୍ଡା କରିଦେଇଥିବାର ଖବର ଶୁଣିବାକୁ ମିଳେ। ଯଦି ପରିବାରରେ ଏହିଭଳି ଅବସ୍ଥା ପ୍ରଚଳିତ ତେବେ ସେମାନେ ରହିବେ କେଉଁଠି ? ସେଥିପାଇଁ ଅସହାୟ ଅବସ୍ଥାରେ ସେମାନଙ୍କୁ ଏହିଭଳି ସ୍ଥାନରେ ଆଣି ଛାଡ଼ି ଦିଆଯାଏ। ଯେଉଁଠାରେ ତାଙ୍କୁ ଆହା ବୋଲି କେହି କହିବାକୁ ନଥାନ୍ତି କି ସାହା ବି କେହି ହୁଅନ୍ତି ନାହିଁ। ଅବଶ୍ୟ ବୃନ୍ଦାବନ ଓ ମଥୁରାର ଏହି ବିଧବାମାନଙ୍କର ଦୟନୀୟ ଅବସ୍ଥା ଦେଖି ଏବେ କେତେକ ଏନ୍.ଜି.ଓ ସେମାନଙ୍କ ପ୍ରତି କିଛିଟା ଭଲ କାର୍ଯ୍ୟ କରିବା ନିମନ୍ତେ ଆଗେଇ ଆସିଛନ୍ତି। ଏହି ଅସହାୟା ବିଧବାମାନଙ୍କୁ ସମ୍ମାନର ସହିତ ବଞ୍ଚିବା ପାଇଁ ସେମାନେ ଉଦ୍ୟମ ଜାରି ରଖିଛନ୍ତି। ସେହିସବୁ ତୀର୍ଥସ୍ଥାନ ଏବେ ଅଭିଶପ୍ତ ପାଲଟି ଯାଇଛି ଓ ବିଦେଶରେ ଏହାର ବହୁଳ ପ୍ରଚାର ମଧ୍ୟ ହେଉଛି। ଆଉ ହିନ୍ଦୁ ଧର୍ମ ଧାରାରେ ମଧ୍ୟ ଏହାର ଯଥେଷ୍ଟ ପ୍ରଭାବ ପଡୁଛି। ମାନନୀୟ ସୁପ୍ରିମକୋର୍ଟ ବୃନ୍ଦାବନ ଓ ମଥୁରାର ମହିଳାମାନଙ୍କ ଅବସ୍ଥାରେ ଉଦ୍‌ବେଗ ପ୍ରକାଶ କରିବା ସହ ଉତ୍ତରପ୍ରଦେଶ ସରକାରଙ୍କୁ ତାଗିଦ୍ କରିଛନ୍ତି। ସେମାନଙ୍କର ରହିବା, ଖାଇବା ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଦେଖିବା ନିମନ୍ତେ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଯେଉଁ କେତେକ ସାମାଜିକ ଅନୁଷ୍ଠାନ ସେହି ମହିଳାମାନଙ୍କ ନିମନ୍ତେ ବିଶେଷ ଆଗ୍ରହ ଦେଖାଇ କିଛି କାର୍ଯ୍ୟ କରିବା ପାଇଁ ଆଗଭର ହେଉଛନ୍ତି, ସେମାନଙ୍କୁ ସରକାର ପ୍ରୋତ୍ସାହନ ଦେବା ସହ କିଛିଟା ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିବା ଉଚିତ। ପୃଥିବୀରେ କୃଷ୍ଣ ଚେତନା ପ୍ରବର୍ତ୍ତନ ନିମନ୍ତେ ଇସ୍କନ୍ ସଂସ୍ଥା ଯାହା କରିପାରିଛି ତାହା ସର୍ବଦା ଅଭିନନ୍ଦନୀୟ। ମାତ୍ର ସେହି ଚେତନାରେ ଉତ୍ସର୍ଗୀକୃତ ହୋଇଥିବା ଏପରି ବିଧବାମାନଙ୍କ ନିମନ୍ତେ ସଂସ୍ଥାର କ'ଣ କିଛି କର୍ତ୍ତବ୍ୟ ନାହିଁ ? ଓଡ଼ିଶାର କେତେକ ବିଧବା ମଧ୍ୟ ବୃନ୍ଦାବନ, ମଥୁରା ଓ ଗୋବର୍ଦ୍ଧନରେ ଥିବାର ଜଣାପଡ଼େ। ସେଠାରେ ପ୍ରତିଷ୍ଠିତ ବାୟାବାବାଙ୍କ ମଠ, ଇସ୍କନ୍ ସଂସ୍ଥା, ଗାୟତ୍ରୀ ତପୋବନ ଭୂମି ଓ ପ୍ରତିଷ୍ଠିତ ଅନ୍ୟ କେତୋଟି ସଂସ୍ଥା ସହ ଓଡ଼ିଆ ସଙ୍ଗୀତ ବିଦ୍ୟାଳୟର ସାହାଯ୍ୟ ନେଇ ସେମାନେ ଚଳିଯାଆନ୍ତି। ତେବେ ଅନ୍ୟ ପ୍ରଦେଶରୁ ଆସୁଥିବା ବିଧବାମାନଙ୍କ ସମସ୍ୟା ଭଳି ତାହା ଏତେଟା ଉତ୍କଟ ନୁହେଁ। ତଥାପି ସେପରି ଅସହାୟାମାନଙ୍କ ନିମନ୍ତେ ସେଠାରେ ଜରାନିବାସ ଗଢ଼ିଦିଆଗଲେ ସମସ୍ୟାର ଯଥେଷ୍ଟ ସମାଧାନ ହେବା ସହ ଓଡ଼ିଆମାନଙ୍କ ସ୍ମୃତି ବ୍ରଜଧାମର ସହରମାନଙ୍କରେ ବେଶ୍ ପ୍ରତିଷ୍ଠିତ ହୋଇପାରନ୍ତା। କେହି ବିତ୍ତଶାଳୀ ସହୃଦୟ ଓଡ଼ିଆ ବା କୌଣସି ଏନ୍.ଜି.ଓ ସଂସ୍ଥା ଓ ସର୍ବୋପରି ଓଡ଼ିଶା ସରକାର ଏଥି ପ୍ରତି ଧ୍ୟାନ ଦେବେ କି ? (କ୍ରମଶଃ)

# ଯାଯାବରର ଡାଇରୀ-୫୨

## (ଅରକ୍ଷିତର ଦଇବ ସାହା)



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

ଷାଠିଏ ଦଶକରେ ମାଟ୍ରିକୁଲେସନ ପାଶ କରିବା ପରିବାରର ଗର୍ବ ଓ ଗୌରବର ବିଷୟ ଥିଲା। ପରୀକ୍ଷା ଫଳ ପ୍ରକାଶ ପାଇବା ଦିନ ମୋର ଶୁଭ କାମନା କରି ନନା ଇଷ୍ଟଦେବୀ ଭୁବନେଶ୍ୱରୀଙ୍କ ନିକଟରେ ପୂଜା ହୋମ କରିବା ବେଳେ, ବୋଉ ମୋର ମଙ୍ଗଳ କାମନା କରି ତେତିଶକୋଟି ଦେବାଦେବୀଙ୍କୁ ମୁଣ୍ଡିଆ ମାରୁଥିଲା। ମୋ ଠାରୁ ବୟସରେ ଛୋଟ ଭାଇ ମାନେ, କଣ ଭାବୁଥିଲେ କେଜାଣି, ଆନନ୍ଦରେ ନାଚୁଥିଲେ, ସତେ ଯେମିତି ସେମାନଙ୍କର ବଡଭାଇ, କିଛି ଗୋଟେ ପାଇଗଲା, ସେମିତି ସାଇ ପଡିଶାର ମାଆ=ମାଉସୀମାନେ, ମୋର ଦୃଷ୍ଟାନ୍ତ ଦେଇ, ନିଜ ନିଜର ପିଲାମାନଙ୍କୁ କହୁଥିଲେ, ତୁମେ 'ରଙ୍କ' (ମୋର ଡାକ ନାମ ରଙ୍କ) ନିକଟରୁ କିଛି ଶିଖ, କେତେ ଦୁଃଖର ପିଲା ସିଏ, ପାଠ ପଢିବା ପାଇଁ କେତେ କଷ୍ଟ ସେ ନ'ସହିଛନ୍ତି ?

ସମସ୍ତଙ୍କ ଆନନ୍ଦ ଉଲ୍ଲାସ ମଧ୍ୟରେ, ମୁଁ ମୋର ପରବର୍ତ୍ତୀ ଜୀବନକୁ ନେଇ ଚିନ୍ତିତ ଥାଏ। ଗୋଟିଏ ଦିଗରେ ଉଚ୍ଚଶିକ୍ଷା ନିମନ୍ତେ ପ୍ରବଳ ଆଗ୍ରହ, ଅନ୍ୟ ଦିଗରେ ବାପା, ମାଆ ଆଉ ପରିବାର ବର୍ଗ। ସେତେବେଳେ ନୂଆରେ ଗଢିଉଠିଥିବା କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଥାଆନ୍ତି ନନା। ନନା ପରାମର୍ଶ ଦେଉଥାଆନ୍ତି ମୋତେ କଲେଜରେ ପଢାଇବା ପାଇଁ। ନିଜ ମନର କଥା କାହା ଆଗରେ ପ୍ରକାଶ ନକରିପାରି, ସମସ୍ତଙ୍କୁ ନନା କହୁଥାଆନ୍ତି, ମାଟ୍ରୀକ୍‌ରେ ପାଶ୍ ହେଲା, ହେଲେ ତାର ବୟସ ମାତ୍ର ସତର ବର୍ଷ, ଆଉ କିଛିଦିନ ଯାଉ, ଅଠର ବର୍ଷ ହେଲେ, ତାର କଥା ଚିନ୍ତା କରିବା। ଉଚ୍ଚଶିକ୍ଷା ଦେବା କ୍ଷେତ୍ରରେ ନନାଙ୍କ ଅସହାୟତାର କାରଣ କଣ, ତାହା ମୁଁ ସ୍ପଷ୍ଟଭାବେ ବୁଝିପାରୁଥାଏ। ବୋଉ କପର୍ଦ୍ଦକ ଶୂନ୍ୟ, ଅଥଚ ମୋ ସପକ୍ଷରେ ଥାଏ । କାହାକୁ ତାର ମନର କଥା କହିବ ? ସବୁଦିନ ସକାଳେ ପୂଜା କଲାବେଳେ ଭୁବନେଶ୍ୱରୀଙ୍କୁ ଜଣାଉଥାଏ ମୋର ମନସ୍କାମନା ପୂରଣ କରିବା ପାଇଁ।

ଏହି ସମୟରେ ଦିନେ ଦାଶ ଆପଣେ ଆସି ନନାଙ୍କୁ କହିଲେ, ବୁଝିଲୁ ଶ୍ରୀଧର ତୁ ରହିଥିବା ଘରଟି ମୋର ନିଜର ନୁହେଁ, ଅନ୍ୟ ଲୋକର, ମୁଁ କେବଳ ଦାୟିତ୍ୱରେ ଅଛି। ସେ ମୋତେ ବହୁବାର କହିଲାଣି, ଯଦି ତୁ ଘର ଭଡା ଦେଇପାରିବୁନି, ଅନ୍ୟ ଘର ଦେଖି ଚାଲିଯାଆ। କେତେ ଦିନ ତାର କଠୋର କଥା ତୋ ପାଇଁ ଶୁଣିବି ? ନନା କିଛି ସମୟ ଚୁପଚାପ୍ ରହି କହିଲେ, ମୋତେ ମାସେ ସମୟ ଦିଅନ୍ତୁ, ମୁଁ ଘରଟା ଛାଡିଦେବି।

ଜନ୍ମମାଟି ବାସୁଦେବପୁର ଶାସନ ଛାଡିବା ଦିନୁ, ଷୋହଳ ବର୍ଷ ମଧ୍ୟରେ ଏହା ଥିଲା ଆମର ସପ୍ତମ ଘର। ବାଲା ଆମ୍ମା ଦାନ ଦେଇଥିବା ଜାଗା ଉପରେ, ନିଜେ ତିଆରି କରିଥିବା ଘରଟିକୁ ବାଦ ଦେଲେ, ଅନ୍ୟ ଘର ଗୁଡିକ ଥିଲା ଭଡାଘର। ସେହି ଘରଟିବି ନିଜର ହୋଇପାରିନଥିଲା। ବାରମ୍ବାର ଘର ପରିବର୍ତ୍ତନର ମୂଳ କାରଣ ଥିଲା ଅର୍ଥଗତ ସମସ୍ୟା। ଦାସ ଆପଣେଙ୍କ ନିକଟରେ ନନାଙ୍କ ଅସହାୟତା ଦେଖିବା ପରେ, ମନେ ମନେ ସ୍ଥିରକଲି, ଆଉ ମୋର ଅଧିକା ପଢିବାର ଆବଶ୍ୟକତା ନାହିଁ, ଚାକିରି କରି ଘର କଥା ବୁଝିବି। ସେତେବେଳେ ମୋର ଜଣେ କକେଇ ସଦାନନ୍ଦ ଶତପଥୀ ବୁର୍ଲାରେ ଓଭରସିଅର ଥାଆନ୍ତି। ହଠାତ୍ ସେ ଆସି ପହଞ୍ଚିଲେ ବୁଲା ଯିବା ପାଇଁ। ବୁର୍ଲା ଯିବା ପାଇଁ ସେତେବେଳେ ମାତ୍ର ଗୋଟିଏ ବସ୍ଥାଏ। ହୀରାକୁଦ ବନ୍ଧ ନିର୍ମାଣରେ ମାଟିକାମ କରିବା ପାଇଁ ଘୁମୁସରର ଶ୍ରମିକ ମାନେ ବୁର୍ଲା ଯିବା ବେଳେ ଭଞ୍ଜନଗର ଠାରୁ ବୌଦ ଯାଏଁ ବସରେ ଯାଇ, ରାତିରେ ମହାନଦୀ ବାଲିରେ ରାତ୍ରୀଯାପନ କରି, ସକାଳୁ ଡଙ୍ଗାରେ ନଈପାର ହୋଇ କଦଳୀ ଗଡ଼ଠାରୁ ସମ୍ବଲପୁର ଦେଇ ବୁର୍ଲା ଯାଉଥିଲେ। ତେଣୁ ସଦାନନ୍ଦ କକେଇ ଯେତେବେଳେ ଗାଆଁକୁ ଆସୁଥିଲେ, ଆମ ଘର ଦେଇ ଯାଉଥିଲେ।

କକେଇଙ୍କୁ ବୋଉ ଦେଖିବାପରେ, ଖୁବ୍ ଆଶାବାଦୀହୋଇ, ରାତିରେ ଖାଇବା ପରେ କହିଲା, ବୁଝିଲ ସଦାନନ୍ଦ, ବାପର କଲେଜରେ ପଢିବାରେ ଭାରି ଇଚ୍ଛା। ଘରର ଅଭାବ ଅସୁବିଧା କଥା ତମେ ସବୁ ଜାଣିଛ। ତମେ ଯଦି, ତାର ପାଠପଢା ଖର୍ଚ୍ଚଟା ଦିଅନ୍ତ, ସେ କଲେଜରେ ପାଠ ପଢନ୍ତା। କକେଇ ବୋଉର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି କହିଲେ, ଅଧିକା ପଢି କଣ କରିବ ? ମାଟ୍ରିକ ପାଶ୍ କଲା, ଗୁମାସ୍ତାଟିଏ ହେଲେ ମାସକୁ ଶହେ ଟଙ୍କା ମିଳିବ, ଘରର ଅବସ୍ଥା ଖରାପ, ତାର ଆଉ ପାଠପଢା ଦରକାର ନାହିଁ। ବଂଶର ସବୁଠାରୁ ବଡ ରୋଜଗାରିଆ ପୁଅ ମୁହଁରୁ ଏପରି ଉତ୍ତର ପାଇ, ବୋଉ ସ୍ତବ୍ଧ ହେଲା, ମୁହଁରୁ ବାକ୍ୟ ସ୍ଫୁରିଲାନି। ମୋର ମନ ବିଦ୍ରୋହୀ ହୋଇ ଉଠିଲା, ବୋଉର ଶୁଖିଲା ମୁହଁକୁ ଦେଖି। କକେଇଙ୍କ କଥାର ଉପଯୁକ୍ତ ଜବାବ ଦେବାକୁ ଯାଇ ପୁଣି ମନକୁ ଶାନ୍ତି କରାଇଲି। ମନେ ମନେ ସ୍ଥିର କଲି, ଚାକିରି କରିବା ସହିତ ପାଠ'ବି ପଢିବି। ସେଦିନ ରାତିରେ ମୋର ଆଖିରେ ନିଦ ନଥିଲା।

ସକାଳେ କକେଇଙ୍କ ବେଡିଂବୋହି ବସ୍‌ଷ୍ଟାଣ୍ଡକୁ ଯାଇଥିଲି। ବସ୍‌ରେ ଚଢିବାବେଳେ, ଗତାନୁଗତିକ ଭାବେ କକେଇ ମୋ ହାତକୁ ଟଙ୍କାଟିଏ ବଢେଇବା ବେଳେ, ମୋ ପାଟିରୁ ବାହାରି ପଡିଲା, ମୁଁ ତ ଚାକିରି କରିବି, ଆଉ ମୋର ଟଙ୍କା କଣ ହେବ ? ଯୋର ଜବରଦସ୍ତ ଟଙ୍କାଟି ମୋର ପକେଟରେ ଗୁଞ୍ଜିଦେଇ କହିଲେ, ହଉ ଚାକିରି କଲାପରେ, ଆଉ ମୁଁ ତୋତେ ଦେବିନି। ବସ୍ ଛାଡିବା ପୂର୍ବରୁ ପ୍ରଣାମ ଜଣେଇ ଘରକୁ ଫେରିଥିଲି।

ସ୍ରୋତସ୍ୱିନୀ ନଦୀ, ଯେତେବେଳେ କୌଣସି ପାହାଡରେ ଧକ୍କା ଖାଏ, ତାର ଗତିଧାରା ବଦଳି ଯାଇଥାଏ। ସେଦିନର କକେଇଙ୍କ ଦୁଇପଦ କଥା ମୋର ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ପରବର୍ତ୍ତୀ ସମୟରେ ଦୃଢ ପ୍ରତିଜ୍ଞହୋଇ, ଚାକିରି କରିବା ସହିତ, ଘରୋଇ ଭାବେ ପରୀକ୍ଷାଦେଇ ସ୍ନାତକ ଡିଗ୍ରୀ ହାସଲ କରିଥିଲି। ଆଜି ସଦାନନ୍ଦ କକେଇ ପରଲୋକରେ। ତାଙ୍କୁ ମୋର କୋଟି କୋଟି ପ୍ରଣାମ। ସମାଜରେ ପ୍ରତିଷ୍ଠିତ ହେବାରେ ତାଙ୍କ ଦୁଇ ପଦ କଥା ମୋର ଜୀବନକୁ ଶୃଙ୍ଖଳିତ କରିଥିଲା।

ପିଲାଦିନରୁ ବୋଉ ମୁହଁରୁ ଗୋଟିଏ ବାକ୍ୟ ବହୁବାର ଶୁଣେ 'ଅରକ୍ଷିତର ଦଇବ ସାହା' ସେହି ବାକ୍ୟର ଭାବାର୍ଥ ମୁଁ ବହୁ ଦିନପରେ ବୁଝିଥିଲି। ନିଜେ ବଂଚି ପରିବାରକୁ ବଞ୍ଚାଇବାଥିଲା, ମୋର ଜୀବନର ଧର୍ମ। ଭୋକିଲା ମଣିଷ ଯେପରି ଭଲ ଆଉ ମନ୍ଦ କଣ ଜାଣେନି, ସେହିପରି କର୍ମ ହିଁ ଯୋଗ ମନେକରି ଯେତେବେଳେ ଯାହା ମୋ ନିକଟକୁ ଆସିଛି, ତାକୁ ମୁଁ ସାଦରେ ଗ୍ରହଣ କରିଛି। ମାସିକ ତିରିଶିଟଙ୍କା ଦରମାରୁ ଆରମ୍ଭ କରି, ଅର୍ଥ ବିଭାଗର ଜଣେ ପଦସ୍ତ ଅଫିସରଭାବେ କାର୍ଯ୍ୟ କରି ନନା, ବୋଉ, ଭାଇ-ଭଉଣୀ, ବନ୍ଧୁ, ବାନ୍ଧବ ସମସ୍ତଙ୍କ ଆଦରଣୀୟ ହେଲି ସତ, ହେଲେ ଏହି ବିଶାଳ ପୃଥିବୀରେ ନିଜର ଘରଖଣ୍ଡେ କରିବା ସକାଶେ ମୋତେ ବତିଶ ବର୍ଷ ଅପେକ୍ଷା କରିବାକୁ ପଡିଥିଲା।

ସେତେବେଳକୁ ଘରର ପୂର୍ବ ପରିସ୍ଥିତି ନଥାଏ। ଦ୍ୱିତୀୟ ଭାଇ ସନ୍ତୋଷ ବାଣୀ ବିହାରରେ କାର୍ଯ୍ୟ କରୁଥିବା ବେଳେ, ଅନ୍ୟ ଦୁଇଭାଇ କଲେଜରେ ଅଧ୍ୟୟନ କରୁଥାଆନ୍ତି। ରୁଗ୍‌ଣାବସ୍ଥାରେ ବୋଉର ବାରମ୍ବାର ଅନୁରୋଧକୁ ଏଡାଇ ନପାରି, ଆସିକା ସହରର ବିଶିଷ୍ଟ କବିରାଜ ଗଣେଶ୍ୱର ଆଚାର୍ଯ୍ୟ ଶର୍ମାଙ୍କ, ଜୈଷ୍ଠା କନ୍ୟା ଗୀତାରାଣୀଙ୍କ ସହିତ ମୋର ବିବାହ କାର୍ଯ୍ୟ ସମାପନ ହୋଇ ମୁଁ ପୁରୁଣା ଭୁବନେଶ୍ୱରର ଖରାଖିଆ ବୈଦ୍ୟନାଥ ଲେନ୍‌ରେ ଗୋଟିଏ ଭଡାଘରେ ରହୁଥାଏ। ଘରେ ବସିଥାଏ ହଠାତ୍ ଦିନେ ଖବର ଆସି ପହଞ୍ଚିଲା, ଭଂଜନଗରରେ ଆମେ ଦୀର୍ଘଦିନ ଧରି ରହୁଥିବା ଘରର ମାଲିକାଣୀ ବୁଢି-ଆମ୍ମାଙ୍କର ମୃତ୍ୟୁ ହୋଇଛି। ତାଙ୍କର ସଂପର୍କୀୟମାନେ ଖଡଗପୁରରୁ ଆସିଛନ୍ତି। ଶୁଦ୍ଧକ୍ରିଆ କରିବା ସହିତ, ଘରଟିକୁ ବିକ୍ରି କରିଦେବେ। ବହୁ ବର୍ଷର ପୁରୁଣା ଝିକର ଘର। ରୋଡ ସାଇଡରେ ଘରଟିଥିବା ଯୋଗୁଁ, କ୍ରୟ କରିବା ନିମନ୍ତେ ବହୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। କାଳ ବିଳମ୍ବ ନକରି ଘରେ ପହଞ୍ଚିବା ପରେ, ସାହିର ଲୋକମାନେ ଆଗେଇ ଆସିଲେ, ମୋତେ ସାହାଯ୍ୟ କରିବା ପାଇଁ। ବାଲା ଆମ୍ମା ଦେଇଥିବା ଦାନ ଜମିରୁ ଆମକୁ ଉଚ୍ଛେଦ କରିବାର ସ୍ମୃତି ମୋ ମନରୁ ଲିଭି ନଥାଏ। ବୁଢି ଆମ୍ମାଙ୍କ ସଂପର୍କୀୟମାନଙ୍କ ସହିତ, ଘର କିଣିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତିଙ୍କୁ ମୁଁ ସ୍ପଷ୍ଟ ଭାବେ ସତର୍କ କରାଇଦେଲି, ବହୁ ଆଗରୁ ବୁଢି ଆମ୍ମା ଆମ ନାମରେ ଘରଟି କରିଦେଇଛନ୍ତି, ତେଣୁ କେହି ଏଥିରେ ହସ୍ତକ୍ଷେପ କଲେ, ଖୁବ୍ ଅସୁବିଧାରେ ପଡିବେ। ମୋର ଏହି ଚରମ ବାଣୀ ଶୁଣିବା ପରେ, ସଂପର୍କୀୟଙ୍କ ସମେତ, ଅନ୍ୟ ସମସ୍ତ ଘର କ୍ରୟ କରିବାର ଦୂରେଇଗଲେ ନିଜ ନିଜର ନିଷ୍ପତ୍ତିରୁ। ବରଂ ସମସ୍ତେ ମତାମତ ଦେଲେ, ଅନେକ ଦିନ ହେଲା ପଣ୍ଡିତେ ଏଘରେ ରହିଲେଣି ବରଂ ଆପଣମାନେ ରହିଲେ ଆମେ ଖୁସୀ ହେବୁ। ଆମପ୍ରତି ସହର ବାସୀଙ୍କ ସମ୍ମାନବୋଧ ଦେଖି, ବୁଢି ଆମ୍ମାଙ୍କ ବଂଶ ବର୍ଗ ମନସ୍ଥିର କରିନେଲେ, ଘରଟି ଆମକୁ ଦେବା ପାଇଁ। ଉଭୟ ପକ୍ଷଙ୍କ ଆଲୋଚନା କ୍ରମେ ଘରଟିର ମୂଲ୍ୟାୟନ ହେଲା ଷୋଳ ହଜାର ଟଙ୍କା। ସେଇ ସିଦ୍ଧାନ୍ତ ଅନୁଯାଇ ଲେଖା ପଢା ହୋଇ, ଦୁଇ ମାସ ମଧ୍ୟରେ ରେଜିଷ୍ଟ୍ରେସନ କରିବା ସକାଶେ ସ୍ଥିର ହେଲା। ସେହି ସମୟରେ ଏତେ ଟଙ୍କା ଯୋଗାଡ କରିବା ଯଦିଓ କଷ୍ଟକର ଥିଲା, ବିଭିନ୍ନ ସୂତ୍ରରୁ ଧାର ଉଦ୍ଧାର ସହିତ ପରିବାର ବର୍ଗ ଓ ସନ୍ତୋଷର ସହଯୋଗ କ୍ରମେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବୋଉ ନାମରେ ଘରଟି କ୍ରୟ ହୋଇ ରେଜିଷ୍ଟ୍ରେସନ ହେଲା। ସେ ଦିନର ଆନନ୍ଦ ଉତ୍ସବ ମଧ୍ୟରେ ଯେଉଁ ଜଣେ ମହିୟସୀ ମହିଳାଙ୍କ କଥା ମୋର ବାରମ୍ବାର ମନେ ପଡୁଥିଲା, ସେ ଆଉ କେହି ନଥିଲେ, ସେ ଥିଲେ ସ୍ୱର୍ଗତ ଘରବାଲୀ 'ବୁଢି ଆମ୍ମା'। ଏତେ ବଡ ବିଶ୍ୱରେ ଗୋଟିଏ 'କାଳୀ ଗାଈ'ବ୍ୟତିତ ତାଙ୍କର ଆଉ କେହି ନଥିଲେ। ଅନେକ ସମୟରେ ସେ ମୋତେ କହୁଥିଲେ ରଙ୍କବାବୁ, ମୋର ନିଜର ହେଇ କେହି ନାହାଁନ୍ତି। ଯେଉଁମାନେ ଖଡଗପୁରରେ ଅଛନ୍ତି ସେମାନେ ଦୂର ସଂପର୍କୀୟ, ତମେ ହେଉଛ, ମୋର ପୁଅପରି, ମୁଁ ମଲାପରେ, ତମେ ମୋର ଘରେ ରହିବ, ଆଉ କେହି ରହିଲେ, ମୋର ଆତ୍ମାକୁ ଶାନ୍ତି ମିଳିବନି। ବାସ୍ତବିକ୍ ତାଙ୍କ କଥା ସତ ହେଲା, ସେଇ ଅମର ଆତ୍ମାଙ୍କ ଦୟାରୁ ଆମେ ବିଶ୍ୱରେ ଜାଗା ଖଣ୍ଡେ ପାଇଥିଲୁ, ମୁଣ୍ଡ ଗୁଞ୍ଜିବା ପାଇଁ। ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ମୁଁ ବହୁବାର ଗାଁକୁ ଯାଇ ପୂର୍ବ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ, ମୋର ଲୀଳା ଖେଳାର ସାଥୀ ପୁରୁଣାଘର ଗୁଡିକୁ ଖୋଜିଛି। ହେଲେ ବୁଢିଆମ୍ମା ଦୟାରୁ ଆମେ ପାଇଥିବା ଘର ଖଣ୍ଡିକୁ ବାଦ୍‌ଦେଲେ ସଭ୍ୟତାର ଘନ ଅନ୍ଧକାର ମଧ୍ୟରେ, ବିରାଟ ବିରାଟ ଅଟ୍ଟାଳିକାର ଅତଳ ଗହ୍ୱରରେ ଅତୀର ସ୍ମୃତି ସମାଧି ଲାଭ କରିଛି। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ମାର୍ଚ୍ଚ ୨୦୨୪ ବୁଧବାର

# ଆଭା

# ସିଗାରେଟ୍ ଅପେକ୍ଷା ୮ ଗୁଣ ଅଧିକ ବିପଜ୍ଜନକ ହେଉଛି 'ବିଡ଼ି'



ସାଧାରଣ ବିଶ୍ୱାସ ଅଛି ଯେ, ଏଥିରେ ତମାଖୁ କମ୍ ଥାଏ ଏବଂ ସିଗାରେଟ୍ ଅପେକ୍ଷା କମ୍ କ୍ଷତିକାରକ । କିନ୍ତୁ ବିଶେଷଜ୍ଞଙ୍କ ଅନୁଯାୟୀ, ପତ୍ରର ପ୍ରତିକୂଳ ପ୍ରଭାବ ଏବଂ ଗଭୀର ନିଶ୍ୱାସ ପ୍ରଶ୍ୱାସ ଯୋଗୁଁ ବିଡି ସିଗାରେଟ୍ ଅପେକ୍ଷା ଅଧିକ ବିପଜ୍ଜନକ ବୋଲି ପ୍ରମାଣିତ ହୁଏ । ଦିଲ୍ଲୀର ବଲ୍ଲଭଭାଇ ପଟେଲ ଚେଷ୍ଟ ଇନଷ୍ଟିଚ୍ୟୁଟ୍ (ଭିପିସିଆଇ) ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ରାଜେନ୍ଦ୍ର ପ୍ରସାଦ ବିଡି ଏବଂ ସିଗାରେଟ୍ ତୁଳନା କରୁଥିବା ଏକ ଅଧ୍ୟୟନ ସାହାଯ୍ୟରେ ସୂଚନା ଦେଇଛନ୍ତି ଯେ, 'ଉଭୟ କ୍ଷତିକାରକ ବୋଲି ବିବେଚନା କରାଯାଏ, କିନ୍ତୁ ତମାଖୁରେ ପତ୍ର ଗୁଡ଼ାଇ ତିଆରି ହୋଇଥିବା ବିଡ଼ି ଜଳିବା ଦ୍ୱାରା ଅଧିକ ଧୂଆଁ ଉତ୍ପନ୍ନ ହୁଏ ।'

ପ୍ରଫେସର ରାଜେନ୍ଦ୍ର ପ୍ରସାଦ କହିଛନ୍ତି ଯେ, ଧୂମପାନକାରୀମାନେ ବିଡିକୁ ଆଲୋକିତ କରିବା ପାଇଁ ଗଭୀର ନିଶ୍ୱାସ ନିଅନ୍ତି, ଯାହା ଫୁସଫୁସରେ ଅଧିକ ଗୁରୁତର କ୍ଷତି କରିଥାଏ । ଯଦିଓ ବିଡିରେ ସିଗାରେଟ୍ ତୁଳନାରେ ଚାରି ଗୁଣ କମ୍ ତମାଖୁ ଥାଏ, କିନ୍ତୁ ଯଦି ଆମେ ବିଡିରେ ସମାନ ପରିମାଣର ତମାଖୁ ବ୍ୟବହାର କରୁ, ତେବେ ଏହା ଆଠ ଗୁଣ ଅଧିକ ବିପଜ୍ଜନକ ହେବ । କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟିରେ ଆୟୋଜିତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରଖ୍ୟାତ ଡାକ୍ତରମାନେ ଛାତିର ଏକ୍ସ-ରେ ପରୀକ୍ଷା କରିଥିଲେ । ନର୍ଥ ଜୋନ୍ ଟିବି ଟାସ୍କ ଫୋର୍ସର ଚେୟାରମ୍ୟାନ୍ ଡ. ସୂର୍ଯ୍ୟକାନ୍ତ ଚେତାବନୀ ଦେଇଛନ୍ତି ଯେ ଛାତି ଏକ୍ସ-ରେ ଦେଖାଯାଉଥିବା ପ୍ରତ୍ୟେକ ଦାଗ ଟିବି ସୂଚାଏ ନାହିଁ । ସେ ଦର୍ଶାଇଛନ୍ତି ଯେ ଛାତି ଏକ୍ସ-ରେ ବିଭିନ୍ନ ରୋଗର ନିରାକରଣରେ ସହାୟକ ହୋଇପାରେ, କାରଣ ସେମାନଙ୍କ ମଧ୍ୟରୁ କେତେକ ଏକ୍ସ-ରେ ପ୍ରତିଛବିରେ ଯକ୍ଷ୍ମା ଭଳି ଦେଖାଯାଉଛି ।

'ନୋ ସ୍ମୋକିଂ ଡେ' ପ୍ରତିବର୍ଷ ୧୩ ମାର୍ଚ୍ଚରେ ପାଳନ କରାଯାଏ । ଏହି ଦିନ ଧୂମପାନର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରାଯାଏ । ତେବେ ଧୂମପାନ ଦିବସର ୨ ଦିନ ପୂର୍ବରୁ ଲଖନଉର କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି (କେଜିଏମୟୁ) ରେ ୧୮ ତମ ଲଗାତାର ମେଡିକାଲ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମୟରେ ବିଶେଷଜ୍ଞମାନେ କହିଛନ୍ତି ଯେ, ସିଗାରେଟ୍ ଅପେକ୍ଷା ବିଡି ଆଠ ଗୁଣ ଅଧିକ କ୍ଷତିକାରକ ହୋଇପାରେ । ଅବଶ୍ୟ ବିଡି ବିଷୟରେ ଲୋକଙ୍କ ଏକ

## ଖରାଦିନେ ପିଅନ୍ତୁ କାକୁଡି ଜୁସ୍

ଆରମ୍ଭ ହୋଇଯାଇଛି ଗ୍ରୀଷ୍ମ ଋତୁ। ଫଳରେ ଖରା, ଗରମ ଅସହ୍ୟ ହେବାକୁ ଲାଗିଲାଣି। ତେଣୁ ଏଥିରୁ ମୁକ୍ତି ପାଇବା ପାଇଁ ଲୋକେ ବିଭିନ୍ନ ପ୍ରୟାସ କରୁଛନ୍ତି। ତେବେ ଏଭଳି ପରିସ୍ଥିତିରେ ଆସନ୍ତୁ ଜାଣିବା କାକୁଡିର ଉପକାରିତା । ଯାହା ଖରାଦିନେ ଆପଣଙ୍କ ଶରୀରରେ ପାଣିର ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ। ତେବେ ଖରାଦିନେ କାକୁଡି ଖାଇବା ଦ୍ୱାରା ଶରୀରରେ ଜଳୀୟଅଂଶ ଅଭାବ ଦେଖା ଦେଇନଥାଏ। ସେହିପରି ଏହା ଦ୍ୱାରା ଅନେକ ପ୍ରକାରର ଲାଭ ମିଳିଥାଏ। ଆସନ୍ତୁ ବର୍ତ୍ତମାନ ଏହାର ଉପକାରିତା ବିଷୟରେ ଜାଣିବା...

-ଓଜନ ହ୍ରାସ କରିବାକୁ ଚାହୁଁଥିଲେ, ପ୍ରତିଦିନ ନିଜ ଡାଏଟରେ କାକୁଡି ସାମିଲ କରିବା ଉଚିତ୍ । ଏହା ଖାଇବା ଦ୍ୱାରା, ଜଲଦୀ ଭୋକ ହୋଇନଥାଏ।

-କାକୁଡି ଜୁସରେ ଲେମ୍ବୁ ରସ, ଅଦା, ଦହି, ଏବଂ ଧନିଆ ପତ୍ର ପକାଇ ମିଶାଇ ସେବନ କରି ପାରିବେ। ଏପରି କରିବା ଦ୍ୱାରା ତାହା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ।

-କାକୁଡିରେ ପାଣିର ମାତ୍ରା ଭରପୁର ରହିଥାଏ। ଯାହା ବିଶେଷ କରି ଖରାଦିନେ ସ୍ୱାସ୍ଥ୍ୟ ପାଇଁ ବହୁତ୍ ଲାଭଦାୟକ। କାକୁଡି ଖାଇବା ଦ୍ୱାରା, ଶରୀରରେ ଏହା ପାଣିର ଅଭାବକୁ ଦୂର କରିବାରେ ସାହାଯ୍ୟ କରେ ବା ଶରୀରରେ ଜଳୀୟଅଂଶ ବୃଦ୍ଧି କରେ।

-ଇମ୍ୟୁନିଟିକୁ ମଜବୁତ୍ କରିବାରେ ସାହାଯ୍ୟ କରେ କାକୁଡି। ତେଣୁ ପ୍ରତିଦିନ ନିଜ ଡାଏଟରେ କାକୁଡି ସାମିଲ କରିବା ଭଲ।

-ସେହିପରି ପ୍ରତିଦିନ କାକୁଡି ଖାଇବା ଦ୍ୱାରା, ଏହା ଆପଣଙ୍କ ହାଡକୁ ମଜବୁତ୍ କରିବାରେ ସାହାଯ୍ୟ କରେ।

-ସୌନ୍ଦର୍ଯ୍ୟ ଚର୍ଯ୍ୟା ପାଇଁ କାକୁଡି ବହୁତ୍ ଲାଭଦାୟକ ହୋଇଥାଏ। ପ୍ରତିଦିନ କାକୁଡି ଖାଇବା ଏବଂ କାକୁଡିରୁ ପ୍ରସ୍ତୁତ ପ୍ୟାକ୍ ଲଗାଇବା ଫଳରେ, ଏହା ସନ୍ ଟ୍ୟାନ, ରିଙ୍କିଲ୍ସ ଆଦି ସମସ୍ୟାକୁ ଦୂର କରିବା ସହିତ, ତ୍ୱଚାକୁ ଶୁଷ୍କ ହେବାକୁ ଦେଇ ନଥାଏ। ତେଣୁ ଖରାଦିନେ ଏହା ଆପଣଙ୍କ ପାଇଁ ଅଧିକ ଗୁରୁତ୍ୱ ରଖିଥାଏ।



## ଏହି ସବୁ ଜିନିଷ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହେ

ସୁସ୍ଥ ଶରୀର ପାଇଁ ଖାଦ୍ୟ ଭଲ ଭାବେ ହଜମ ହେବା ନିତାନ୍ତ ଆବଶ୍ୟକ। ଭୁଲ ଖାଦ୍ୟପେୟ ଓ ଜୀବନଶୈଳୀ କାରଣରୁ ହଜମ କ୍ରିୟା ଉପରେ କୁପ୍ରଭାବ ପଡିଥାଏ । ଏହାସହ ହଜମ ଶକ୍ତି ଧିରେ ଧିରେ ଦୁର୍ବଳ ହେବାକୁ ଆରମ୍ଭ କରିଥାଏ । ହଜମ କ୍ରିୟା ସଠିକ ଭାବେ କାର୍ଯ୍ୟ ନକରିବା ଦ୍ୱାରା ଅନେକ ସମସ୍ୟା ହୋଇଥାଏ । ଏଭଳି କେତେକ ପାନୀୟ ରହିଛି, ଯାହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ ।

**ପାନମଧୁରୀ :** ହଜମ ଶକ୍ତିକୁ ଶକ୍ତିଶାଳୀ କରିବା ପାଇଁ ସକାଳେ ଖାଲି ପେଟରେ ପାନମଧୁରୀ ପାଣି ପିଇପାରିବେ। ପାନମଧୁରୀରେ ଫାଇବର, ଜିଙ୍କ, ଆଇରନ ଓ ପୋଟାସିୟମ ଭଳି ପୋଷକ ତତ୍ତ୍ୱ ରହିଛି। ପାନମଧୁରୀ ଖାଦ୍ୟକୁ ଭଲ ଭାବେ ହଜମ କରିବାରେ ସହାୟକ ହୋଇଥାଏ। ପାନମଧୁରୀ ପାଣି ପିଇବା ଦ୍ୱାରା ଏସିଡିଟି, ବାନ୍ତି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ। **ମେଥି ପାଣି :** ମେଥି ଦାନାରେ ଭିଟାମିନ ସି, ଫାଇବର, ମାଗ୍ନେସିୟମ, କ୍ୟାଲସିୟମ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ମେଥି ପାଣି ସେବନ ଦ୍ୱାରା ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବାରେ ସହାୟକ ହୋଇଥାଏ। ପାଚନ ତନ୍ତ୍ର ସୁସ୍ଥ ରହିଥାଏ । ଏଥିପାଇଁ ଏକ ଗ୍ଲାସ ପାଣିରେ ଅଳ୍ପ ମେଥି ଦାନା ପକାଇ ଏହାକୁ ଫୁଟାନ୍ତୁ ଏହାକୁ ପିଅନ୍ତୁ । ଏହାଦ୍ୱାରା ବଦହଜମି ସମସ୍ୟା ଦୂର ହୋଇଥାଏ। **ଅଦା ଓ ଗୋଲମରିଚ :** ଏହାର ପାଣି ପିଇବା ପାଚନ ତନ୍ତ୍ର ପାଇଁ ବେଶ ଲାଭଦାୟକ ହୋଇଥାଏ। ଅଦାରେ ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ରହିଛି । ଯାହା ପାଚନ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଏହା ଏସିଡିଟି ଓ ବଦହଜମି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଅଦାରେ ଓ ଗୋଲମରିଚ ରସରେ ସାମାନ୍ୟ ମହୁ ମଧ୍ୟ ମିଶାଇ ପାରିବେ। ଏହାର ସେବନ କରିବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

## ଏହି କାରଣରୁ କଥା କହିବା ଶକ୍ତି ହରାଉଛନ୍ତି ଛୋଟ ପିଲା

ଏବେ ଅଧିକାଂଶ ମୋବାଇଲ୍ ନିଶାରେ ଚୁର୍। ଦିନ ରାତି ମୋବାଇଲ୍ ଦେଖୁଛନ୍ତି। କେତେବେଳେ ଫେସ୍‌ବୁକ୍ ତ କେତେବେଳେ ୟୁଟ୍ୟୁବ୍। ଏପରିକି ହ୍ୱାଟସ୍‌ଆପ୍ ପରି ସାମାଜିକ ଗଣମାଧ୍ୟମରେ ଅନେକ ସମୟ ଦେଉଛନ୍ତି। ଏତଦ୍‌ବ୍ୟତୀତ ଅନେକ ସୋସିଆଲ୍ ମିଡିଆ ଆପ୍ ଅଛି, ତା ସହ ଗେମିଂ ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ମୋବାଇଲ୍ ଦେଖିବା ନିଶାରେ ପଡିଯାଇଛନ୍ତି ।



ଏହାର ଅନେକକୁ ପରିଣାମ ରହିଛି। ମୋବାଇଲ୍‌ର ବ୍ଲୁରରେ ବା ନୀଳ ରଶ୍ମୀ ଯୋଗୁଁ ଦୃଷ୍ଟି ଶକ୍ତି ଖରାପ ହେଉଛି। ଏହା ମଣିଷର ଚିନ୍ତା କରିବା ଶକ୍ତି ଉପରେ ପ୍ରଭାବ ପକାଉଛି। ବେକ ଭାଙ୍ଗି ମୋବାଇଲ୍ ଦେଖିବା ଯୋଗୁଁ ନ୍ୟୁରୋ ବା ସ୍ନାୟୁ ତନ୍ତ୍ର ଉପରେ ପ୍ରଭାବ ପକାଉଛି । ସ୍ନାୟୁ ତନ୍ତ୍ରରେ ପ୍ରଭାବ ଯୋଗୁଁ ଅନେକ ବାକ୍‌ଶକ୍ତି ହରାଉଛନ୍ତି। କିମ୍ବା ସେମାନଙ୍କୁ କଥା କହିବାରେ ଅସୁବିଧା ହେଉଛି। ଶାରୀରିକ ପରିଶ୍ରମ , ଖେଳକୁଦ ବଦଳରେ ପିଲା ମୋବାଇଲ୍ ଦେଖିବାରୁ ସେମାନଙ୍କର ବିକାଶ ହେଉନାହିଁ । ଜାପାନରେ ୭ହଜାରର ଅଧିକପିଲାଙ୍କ ଉପରେ ଏହାକୁ ନେଇ ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ପିଲାମାନଙ୍କର ସୃଜନଶୀଳତା, ବିଚାର ଶକ୍ତି, ବୁଦ୍ଧିମତ୍ତା ଉପରେ ପ୍ରଭାବ ପଡୁଥିବା ଦେଖିବା ପାଇଁ ମିଳୁଛି ।

## ଏହି ଖାଦ୍ୟ ପାଇଁ ହୁଅନ୍ତୁ ସାବଧାନ

ଯଦି କୌଣସି ପାନୀୟ ଏକାସାଥୀରେ ମାଂସପେଶୀ, ହାଡ଼ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିପାରେ ତ ତାହା ହେଉଛି ଖିର। ଏହା ଅତ୍ୟନ୍ତ ପୁଷ୍ଟିକର, ଯାହା ସବୁ ବୟସର ଲୋକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ, ଖୀର ଶରୀର ପାଇଁ ଉପକାରୀ ହେଲେ ବି ଏହାକୁ ସୀମା ମଧ୍ୟରେ ପିଇବା ଭଲ। ତେବେ ଏପରି କିଛି ଜିନିଷ ଅଛି ଯାହାକୁ ଖିର ସହ ମିଶାଇକି ଖାଇଲେ ଶରୀର ଉପରେ କୁପ୍ରଭାବ ପଡ଼େ। ପ୍ରତିଦିନ କ୍ଷୀର ପିଇଲେ ଆପଣ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ ବି୧୨, ଭିଟାମିନ ବି୨, ପଟାସିୟମ୍, ଫସଫରସ୍, ଭିଟାମିନ ଏ ଏବଂ ଭିଟାମିନ ଡି ପାଇପାରିବେ। ଏହା ଆପଣଙ୍କ ହାଡ ଏବଂ ମାଂସପେଶୀକୁ ମଜବୁତ୍ କରାଇଥାଏ। ତେଣୁ ଖୀରକୁ ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ। ଲୋକମାନେ ଜଳଖିଆରେ ଖୀର ସହିତ ଅନେକ ଫଳ ଖାଇଥାନ୍ତି । ବାସ୍ତବରେ, ଫଳ ସହିତ ଫଳ ଖାଇବା ଅନୁଚିତ । ବିଶେଷକରି ଲେମ୍ବୁ ଏବଂ କମଳା ପରି ଖଟା ଫଳ କେବେବି ଖିର ସହିତ ଖାଇବା ଉଚିତ ନୁହେଁ । ଏହାକୁ ଏକାଠି ଖାଇଲେ ପେଟରେ ଏସିଡ ବଢ଼ିଯାଏ ଏବଂ ଭଲ ହଜମ ହୁଏନାହିଁ। ଏହା ଗ୍ୟାସ, ପେଟ ଯନ୍ତ୍ରଣା, ପେଟ ଫୁଲିବା, ହୃଦଘାତର କାରଣ ହୋଇପାରେ । ଖୀର ଖାଇସାରି ଖଟାଜାତୀୟ ଖାଦ୍ୟ ଖାଇଲେ ତାହା ପେଟରେ ଛିଣ୍ଡିଯାଏ। ଅଧିକାଂଶ ଲୋକ ଖିର ସହ କଦଳୀ ଖାଇବାକୁ ଖୁବ୍ ଭଲପାଆନ୍ତି ।

## ଅମୃତଭଣ୍ଡା ଖାଇବା ଦ୍ୱାରା ହୋଇଥାଏ ଭଲ ନିଦ



କୋଲାଇନ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯାହା ଅମୃତଭଣ୍ଡାରେ ମିଳିଥାଏ । ଯଦିଓ ଏହା ଶରୀର ଭିତରେ ମଧ୍ୟ ଉତ୍ପନ୍ନ ହୁଏ, କିନ୍ତୁ ତୁମେ ଏହା ସହ ଜଡିତ ଜିନିଷ ଖାଇବା ଉଚିତ । ଯାହା ଦ୍ୱାରା ଶରୀରରେ ଏହାର ଅଭାବ ହୋଇନଥାଏ । ଅନେକ ଥର ଲୋକମାନେ ଆବଶ୍ୟକ ଅନୁଯାୟୀ କୋଲାଇନ ଗ୍ରହଣ କରିବାରେ ସକ୍ଷମ ହୁଅନ୍ତି ନାହିଁ। ତେବେ ଆସନ୍ତୁ ଜାଣିବା ଏହି ଜିନିଷ ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ଆମେ ଏହାକୁ କିପରି ହାସଲ କରିପାରିବା।

କୋଲାଇନ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଶରୀରର ସାଧାରଣ କାର୍ଯ୍ୟ ପାଇଁ କୋଲାଇନ ଆବଶ୍ୟକ, ଏହା ଆପଣଙ୍କ ଯକୃତରୁ ଅଳ୍ପ ପରିମାଣରେ ମଧ୍ୟ ମୁକ୍ତ ହୋଇଥାଏ । ଏହା ସ୍ନାୟୁ ପ୍ରଣାଳୀ, ମେଟାବୋଲିଜିମ୍, ମସ୍ତିଷ୍କ ବିକାଶ ଏବଂ ମାଂସପେଶୀ ଗତି ପାଇଁ ଗୁରୁତ୍ୱପୂର୍ଣ୍ଣ । କୋଲାଇନ ଆପଣଙ୍କୁ ଭଲ ନିଦ ଦେଇଥାଏ। ଶୋଇବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶୋଇବା ସମୟରେ ଶରୀର ନିଜକୁ ସଜାଡ଼ିଥାଏ, ଏବଂ ମସ୍ତିଷ୍କ ସ୍ମୃତିର ପ୍ରକ୍ରିୟା ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟ କରେ। ନିଦ୍ରାର ଅଭାବ କିମ୍ବା ନିଦ୍ରାର ଗୁଣବତ୍ତା ଅନେକ ସମସ୍ୟା ସୃଷ୍ଟି କରିପାରେ, ଯେପରିକି ଲଘୁଚାପ, ଥକାପଣ, ଉତ୍ତେଜନା, କରୋନା ରୋଗ, ହୃଦରୋଗ ଆଶଙ୍କା ବଢ଼ିଯାଏ।

**ଶୋଇବା ପାଇଁ କୋଲାଇନ ଯୁକ୍ତ ଖାଦ୍ୟ ଖାଆନ୍ତୁ**

୧.ପାଚିଲା ଅମୃତଭଣ୍ଡା: ଏହା ଏକ ଅତି ସାଧାରଣ ଫଳ ଯାହା ସାଧାରଣତ ଭଲ ହଜମ ପାଇଁ ଆଯାଏ, ଯେଉଁ କାରଣରୁ ପେଟରେ କୌଣସି ସମସ୍ୟା ନଥାଏ ଏହି ଫଳ ଖାଇବା ଦ୍ୱାରା ଶରୀର କୋଲାଇନ ପାଇଥାଏ, ଯାହା ସାହାଯ୍ୟରେ ଆପଣ ଶାନ୍ତିପୂର୍ଣ୍ଣ ନିଦ ପାଇପାରିବେ।

୨. ଅଣ୍ଡା: ଅଣ୍ଡାକୁ କୋଲାଇନ୍‌ର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ, ବିଶେଷତ ଯଦି ଆପଣ ହଳଦିଆ ହଳଦିଆ ଖାଆନ୍ତି, ତେବେ ଆପଣ ଏହି ପୁଷ୍ଟିକର ଖାଦ୍ୟର ଅଭାବ ପାଇବେ ନାହିଁ ଏବଂ ଆପଣଙ୍କ ନିଦ ମଧ୍ୟ ଭଲ ରହିବ । ଗୋଟିଏ ବଡ ଅଣ୍ଡାରେ ପ୍ରାୟ ୧୪୭ ମିଗ୍ରା କୋଲାଇନ ଥାଏ।

୩. ଚିକେନ୍: ଚିକେନ ସାଧାରଣତ ପ୍ରୋଟିନ ପାଇବା ପାଇଁ ଶରୀରକୁ ମଜବୁତ କରିଥାଏ, କିନ୍ତୁ ଯଦି ଆପଣ ଏହାକୁ ନିୟମିତ ପରିମାଣରେ ଖାଆନ୍ତି, ତେବେ ଆପଣ କୋଲାଇନ ପାଇବେ ୧୦୦ ଗ୍ରାମ। ରନ୍ଧା ଚିକେନ୍‌ରେ ପ୍ରାୟ ୭୩ ମିଗ୍ରା କୋଲିନ ଥାଏ।

## ସୌଭାଗ୍ୟବତୀ ନାରୀଙ୍କ ପାଇଁ ସିନ୍ଦୂରର ମହତ୍ତ୍ୱ

ବିବାହିତ ନାରୀମାନଙ୍କ ପାଇଁ ଶଙ୍ଖା ଓ ସିନ୍ଦୂର ବିଶେଷ ମହତ୍ତ୍ୱ ରଖିଥାଏ। ସିନ୍ଦୂରର ଅନେକ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ବିଶେଷ କରି ମଥାରେ ସିନ୍ଦୂର ଲଗାଇବା ବେଳେ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବା ଉଚିତ। ଶାସ୍ତ୍ର ଅନୁସାରେ ଠିକ ରୂପେ ସିନ୍ଦୂର ନ ଲଗାଇବା ଦ୍ୱାରା ସ୍ୱାମୀଙ୍କ ଉପରେ ଖରାପ ପ୍ରଭାବ ପଡିଥାଏ। ସିନ୍ଦୂର ପିନ୍ଧିବା ଦ୍ୱାରା ଜଣେ ନାରୀ ଅଖଣ୍ଡ ସୌଭାଗ୍ୟବତୀ ହୋଇଥାଏ। ମଥାରେ ସିନ୍ଦୂର ଲଗାଇବା ଦ୍ୱାରା ମା'ଲକ୍ଷ୍ମୀଙ୍କ କୃପା ଆପଣଙ୍କ ଉପରେ ରହିବା ସହ ସ୍ୱାମୀଙ୍କ ଆୟୁଷ ବୃଦ୍ଧି ହୋଇଥାଏ। ସ୍ୱାମୀଙ୍କ ରୋଜଗାରରେ ମଧ୍ୟ ବୃଦ୍ଧି ହୋଇଥାଏ।

ସିନ୍ଦୂର ଲଗାଇବା ବେଳେ ଉତ୍ତର ଦିଗକୁ ମୁହଁ କରି ତର୍ଜନୀ ଆଙ୍ଗୁଠିରେ ଲଗାଇବା ଦ୍ୱାରା ଜ୍ଞାନ ବୃଦ୍ଧି ହୋଇଥାଏ।

ପୂର୍ବ ଦିଗକୁ ମୁହଁ କରି ମଧ୍ୟମା ଆଙ୍ଗୁଠିରେ ସିନ୍ଦୂର ଲଗାଇବା ଦ୍ୱାରା ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ।

ସିନ୍ଦୂର ଲଗାଇବା ବେଳେ ପଶ୍ଚିମ ଦିଗକୁ ମୁହଁ କରି ଅନାମିକା ଆଙ୍ଗୁଠିରେ ଲଗାଇବା ଦ୍ୱାରା ଅର୍ଥ ଓ ସୁଖଶାନ୍ତି ପ୍ରାପ୍ତି ହୋଇଥାଏ



## ଏଠାରେ ବହୁ ପୁରାତନ କାଳରୁ ରହିଛି କ୍ଷୀର ବିକ୍ରି ନକରିବାର ପରମ୍ପରା

ମହାରାଷ୍ଟ୍ରର ହିଙ୍ଗୋଲୀ ଜିଲ୍ଲାର ଏକ ଗାଁର ଲୋକେ ନିଜକୁ ପ୍ରଭୁକୃଷ୍ଣଙ୍କ ବଂଶଧର କହିଥାଆନ୍ତି। ଏଠାକାର ଲୋକେ କ୍ଷୀର ବିକ୍ରି କରନ୍ତି ନାହିଁ । ଏହାସହ ଆବଶ୍ୟକ ଓ ଅସହାୟଙ୍କୁ ମାଗଣାରେ ଦେଇଥାଆନ୍ତି। ସ୍ଥାନଟି ମହାରାଷ୍ଟ୍ର ହିଙ୍ଗୋଲୀ ଜିଲ୍ଲାରେ ୟେଲେଗାଁର ଏହାସହ ଏଠାରେ ଖୁବ୍ ଧୂମଧାମରେ ପ୍ରଭୁ କୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଏ। ଗାଁର ପ୍ରାୟ ପ୍ରତ୍ୟେକଙ୍କ ଘରେ କ୍ଷୀର ଓ କ୍ଷୀରରୁ ତିଆରି ଦ୍ରବ୍ୟର ବଣ୍ଟନର ସ୍ଥାନ ରହିଛି।

ଗ୍ରାମବାସୀଙ୍କ ମତାନୁଯାୟୀ, ୟେଲେଗାଁ ଗାବଲୀର ଅର୍ଥ ହେଉଛି କ୍ଷୀରର ଗାଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆମେ ନିଜକୁ କୃଷ୍ଣଙ୍କ ବଂଶଧର ମାନୁ। ଏହି କାରଣରୁ ଆମେ କ୍ଷୀର ବିକ୍ରି କରୁ ନାହୁଁ। କ୍ଷୀରକୁ ବିକ୍ରି ନକରି ବଣ୍ଟନ କରାଯାଏ। ଗାଁର ପ୍ରାୟ ୯୦% ଲୋକଙ୍କ ଘରେ ଗାଈ ରହିଛି। ଏହାସହ ମଇଁଷି ଓ ଛେଳି ମଧ୍ୟ ରହିଛି। ଏଠାରେ କ୍ଷୀର ବିକ୍ରି ନକରିବାର ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି। ତେଣୁ ଆବଶ୍ୟକୀୟ ଓ ଅସହାୟଙ୍କୁ କ୍ଷୀର ବଣ୍ଟନ କରାଯାଏ। ମାତ୍ର କାହାରିକୁ ବିକ୍ରି କରାଯାଏ ନାହିଁ । ଏହି ଗାଁରେ ଜନ୍ମାଷ୍ଟମୀ ଖୁବ୍ ଧୂମଧାମରେ ପାଳନ କରାଯାଏ। ଗାଁରେ ଏକ କୃଷ୍ଣ ମନ୍ଦିର ମଧ୍ୟ ରହିଛି। ଏଠାରେ ଜନ୍ମାଷ୍ଟମୀରେ ବେଶ ଧୁମଧାମରେ ପୂଜାର୍ଚ୍ଚନା କରାଯାଏ।



## କେଉଁ ସମୟରେ ପୂଜା କଲେ ମିଳିନଥାଏ ଫଳ? ଜାଣନ୍ତୁ

ଧାର୍ମିକ ଶାସ୍ତ୍ର ଅନୁଯାୟୀ, ଅପରାହ୍ନରେ ପୂଜା କରିବା ଉଚିତ ନୁହେଁ। ଏହି ସମୟ ପୂଜା ପାଇଁ ନିଷେଧ ବୋଲି ବିବେଚନା କରାଯାଏ। ତେଣୁ ମନ୍ଦିରର କବାଟ ମଧ୍ୟ ଅପରାହ୍ନରେ କିଛି ସମୟ ପାଇଁ ବନ୍ଦ ରହିଥାଏ । ବିଶ୍ୱାସ କରାଯାଏ ଯେ, ଭଗବାନ ମଧ୍ୟାହ୍ନ ୧୨ରୁ ୩ଟା ମଧ୍ୟରେ କରାଯାଇଥିବା ପୂଜାକୁ ଗ୍ରହଣ କରନ୍ତି ନାହିଁ । ତେଣୁ, ଏହି ସମୟରେ କରାଯାଇଥିବା ପୂଜା ଫଳାଫଳ ଦେଇନଥାଏ।

-ଆରତୀ କରିବା ପରେ କେବେବି ପୂଜା କରନ୍ତୁ ନାହିଁ । ଆରତୀ ସର୍ବଦା ପୂଜା ଶେଷରେ କରାଯାଏ। ପୂଜା ସର୍ବଦା ଏକ ଶୁଦ୍ଧ ଏବଂ ପବିତ୍ର ଅବସ୍ଥାରେ କରାଯିବା ଉଚିତ୍ । ଋତୁସ୍ରାବ ସମୟରେ ମହିଳାମାନଙ୍କୁ ପୂଜା କରିବା ନିଷେଧ।

## ରାତିରେ ନିଦ ନ ହେବାରୁ ମେଡ଼ିସିନ ଖାଉଛନ୍ତି କି ? ଜାଣନ୍ତୁ ଏଥିରୁ କିପରି ବର୍ତ୍ତିବେ

ପରିବର୍ତ୍ତିତ ଜୀବନଶୈଳୀ ଲାଗି ନିଦ୍ରାହୀନତା ଏକ ସାଧାରଣ ସମସ୍ୟାରେ ପରିଣତ ହେଲାଣି । ରାତିସାରା ଅନିଦ୍ରା ରହିବା ବା ନିଦ ନ ହେବା ଲାଗି ଅନେକ ଲୋକ ବିଭିନ୍ନ ଔଷଧ ଖାଇଥାନ୍ତି । ମାତ୍ର ଏହା ଅନେକାଂଶରେ କ୍ଷତିକାରକ ହୋଇଥାଏ । ଯଦି ଆପଣଙ୍କ ପାଖରେ ଏହି ସମସ୍ୟା ଦେଖାଯାଉଛି ତେବେ ଏହାକୁ ସାଧାରଣ ଭାବରେ ନିଅନ୍ତୁ ନାହିଁ । ଏହା ଏକ ଗମ୍ଭୀର ସମସ୍ୟା ହୋଇପାରେ।

**ଔଷଧ ବଦଳରେ ଏହି ସମସ୍ୟାକୁ ଦୂର କରିବା ଲାଗି ଜାଣନ୍ତୁ କିଛି ଉପଚାର**

ବ୍ୟବହାର କରୁଥିବା ବେଡ଼ସିଟ୍‌କୁ ସବୁବେଳେ ସଫା ରଖନ୍ତୁ। ଏପରିକି ତକିଆ ଖୋଳକୁ ପରିଷ୍କାର ରଖିବା ସହ ଆବଶ୍ୟକସ୍ଥଳେ ବଦଳାଇ ନୂଆ ବ୍ୟବହାର କରନ୍ତୁ। ଦେଖିବେ ଏହି ସମସ୍ୟା ଦୂର ହୋଇଯିବ । ରାତିରେ ଶୋଇବା ପୂର୍ବରୁ ଏକ ଘଣ୍ଟା ବୁଲାବୁଲି କରନ୍ତୁ । ଏପରି କରିବା ଫଳରେ ଶିଘ୍ର ନିଦ ହୋଇଥାଏ।

-ଖାଦ୍ୟ ଖାଇ ସାରିବା ପରେ ବିଛଣାକୁ ଯିବା ଅନେକ ଲୋକଙ୍କର ଅଭ୍ୟାସ ଥାଏ। ମାତ୍ର ଏପରି କରନ୍ତୁ ନାହିଁ ଖାଇବାର କିଛି ସମୟ ପରେ ଶୋଇବାକୁ ଯାଆନ୍ତୁ। ବିଛଣାକୁ ଯିବା ପୂର୍ବରୁ ଫୋନ୍, ଲାପ୍‌ଟପ୍ ଆଦିଠାରୁ ଦୂରେଇ ରହିବେ। ଏହି ଛୋଟ ଛୋଟ ଜିନିଷ ଉପରେ ଆପଣ ଧ୍ୟାନ ଦେଲେ ଆପଣଙ୍କୁ ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ପାଇବା ଲାଗି ଔଷଧ ଖାଇବାକୁ ପଡ଼ିବ ନାହିଁ।



30 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୧୩ ମାର୍ଚ୍ଚ,
ବୁଧବାର, ୨୦୨୪

# ବୋର୍ଡର କ୍ଲିନ୍ ଚିଟ୍ ପରେ ଆଇପିଏଲ୍‌ରେ ପନ୍ତ ତୁଲାଇବେ ଡବଲ୍ ରୋଲ୍

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪ରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଖେଳିବେ କି ନାହିଁ ତାହା ଉପରେ ଚାଲିଥିବା ସସପେନ୍ସ ଏବେ ଶେଷ ହୋଇଛି। ବିସିସିଆଇ ପକ୍ଷରୁ ପନ୍ତଙ୍କୁ ନେଇ ବଡ଼ ଅପଡେଟ୍ ଦିଆଯାଇଛି, ଯେଉଁଥିରେ ସେ ଆଇପିଏଲ୍‌ର ୧୭ତମ ସିଜନରେ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ବିସିସିଆଇର ଏହି ରିପୋର୍ଟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଆଶ୍ୱସ୍ତ ହୋଇଛି। କାରଣ ଦଳ ପାଇଁ ପନ୍ତ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଉଭୟ ବ୍ୟାଟ୍ସମ୍ୟାନ୍ ଏବଂ ଉଇକେଟକିପର ଭୂମିକାରେ ସେ ନଜର ଆସିବାକୁ ଥିବାରୁ ଆଇପିଏଲ୍‌ରେ ତାଙ୍କର ଡବଲ୍ ରୋଲ୍ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଏହାଛଡ଼ା ସେ ଦିଲ୍ଲୀ ଅଧିନାୟକ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିବେ।

ପ୍ରକାଶ ଯେ, ବିସିସିଆଇ ପକ୍ଷରୁ ମଙ୍ଗଳବାର ଏକ ମେଡିକାଲ ଏବଂ ଫିଟନେସ୍ ରିପୋର୍ଟ ତାଲିକା ଜାରି କରାଯାଇଛି। ଏଥିରେ ପନ୍ତଙ୍କୁ ନେଇ ଅପ୍‌ଡେଟ୍ ଆସିଛି। ସେ ଫିଟ୍ ହୋଇଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳିପାରିବେ ବୋଲି କୁହାଯାଇଛି।



# ଏଫ୍‌ଆଇଏଚ୍ ର୍‍ୟାଙ୍କିଂ : ଷଷ୍ଠରେ ପୁରୁଷ ହକି ଦଳ, ନବମରେ ମହିଳା

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପୁରୁଷ ବିଶ୍ୱ ର୍‍ୟାଙ୍କିଂ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଖସି ଆସିଥିବା ବେଳେ ଏଫଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଜର୍ମାନୀ ତୃତୀୟ ସ୍ଥାନ ଦଖଲ କରିଛି।

ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତି ଭାରତ(୨୭୬୧) ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଛି। ତେଣୁ ଦଳକୁ ନିକଟରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାଗ ନେବାକୁ ପଡ଼ି ନ ଥିଲା। ଅନ୍ୟପକ୍ଷରେ ଓମାନରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଜର୍ମାନୀ (୨୭୮୬) ଅପରାଜିତ ରହିଥିଲା। ସାଣ୍ଟିଆଗୋ ଡେଲ୍ ଏଷ୍ଟିରୋ ମିନି ଟୁର୍ଣ୍ଣାମେଣ୍ଟ ଏଫଆଇଏଚ୍ ପ୍ରୋ-ଲିଗ୍‌ରେ ଦଳ ଦୁଇଟି ବିଜୟ ବ୍ୟତୀତ ଆର୍ଜେଣ୍ଟିନା ଏବଂ ବେଲଜିୟମର ଯୁବ ଦଳ ବିପକ୍ଷ ମ୍ୟାଚ୍ ଡ୍ର ରଥିଲା ଫଳରେ ଜର୍ମାନୀ ର୍‍ୟାଙ୍କିଂ ତାଲିକାରେ ଭାରତକୁ ଅତିକ୍ରମ କରିଥିଲା। ନେଦରଲାଣ୍ଡ୍ସ (୩୦୬୦) ପୂର୍ବ ଭଳି ର୍‍ୟାଙ୍କିଂ ତାଲିକାର ଶୀର୍ଷରେ ରହିଛି।

ସ୍ପେନର ଭାଲେନ୍‌ସିଆରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ପ୍ରଭାବୀ ପ୍ରଦର୍ଶନ ପାଇଁ ବେଲଜିୟମ (୨୮୪୮) ର୍‍ୟାଙ୍କିଂ ତାଲିକାରେ ଦ୍ୱିତୀୟ ସ୍ଥାନ ବଜାୟ ରଖିପାରିଛି।

ଭାରତରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମିନି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲିଆ (୨୭୫୭) ଇଂଲଣ୍ଡ (୨୭୨୦)କୁ ଅତିକ୍ରମ କରି ୫ମ ସ୍ଥାନ ଅଧିକାର କରିଛି। ଆର୍ଜେଣ୍ଟିନା (୨୫୨୪) ଓ ସ୍ପେନ (୨୨୯୬) ଯଥାକ୍ରମେ ୭ମ ଓ ୮ମ ସ୍ଥାନ ବଜାୟ ରଖିଛନ୍ତି। ଫ୍ରାନ୍ସ (୨୦୮୫) ୯ମ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଓମାନଠାରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଉତ୍ତମ ପ୍ରଦର୍ଶନ କରି ଟପ୍ ଟେନ୍‌କୁ ଫେରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦଳ ବ୍ରୋଞ୍ଜ ପଦକ ମୁକାବିଲାରେ ପାକିସ୍ତାନକୁ ହରାଇ ଦେଇଥିଲା।

ମହିଳା ର୍‍ୟାଙ୍କିଂରେ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନରେ ରହିଥିବା ବେଳେ ପ୍ୟାରିସ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରି ନ ଥିବା ଭାରତ (୨୨୧୫)କୁ ୯ମ ସ୍ଥାନ ମିଳିଛି।

ନେଦରଲାଣ୍ଡ୍ସ ପ୍ରୋ ଲିଗ୍ ସିଜନ ୫ରେ ଏହାର ସମସ୍ତ ୧୨ଟି ଯାକ ମ୍ୟାଚ୍ ଜିତିଛି। ସାଣ୍ଟିଆଗୋ ଡେଲ୍ ଏଷ୍ଟିରୋ ମିନି ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନା (୨୮୨୭) ଓ ଜର୍ମାନୀ (୨୭୩୨) ଅଷ୍ଟ୍ରେଲିଆକୁ ଅତିକ୍ରମ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛି।

ଅଷ୍ଟ୍ରେଲିଆ (୨୬୭୮) ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଏଫଆଇଏଚ୍ ପ୍ରୋ-ଲିଗ୍‌ରେ କ୍ରମାଗତ ପରାଜୟ ଯୋଗୁ ବେଲଜିୟମ ଗୋଟିଏ ସ୍ଥାନ ତଳକୁ ଖସିଆସିଛି। ଇଂଲଣ୍ଡ (୨୩୦୪)ଷଷ୍ଠ ସ୍ଥାନରେ ରହିଥିବା ବେଳେ ଏହାପଛକୁ ସ୍ପେନ (୨୨୪୪) ସପ୍ତମ ସ୍ଥାନରେ ରହିଛି। ଫେବୃଆରୀରେ ଭାରତରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଚାଇନା ପ୍ରଭାବୀ ପ୍ରଦର୍ଶନ ସହ ଦ୍ୱିତୀୟ ସ୍ଥାନରେ ରହିବା ଦ୍ୱାରା ଭାରତ (୨୨୧୫)କୁ ପଛରେ ପକାଇ ଚାଇନା (୨୨୨୬) ୮ମ ସ୍ଥାନ ଅଧିକାର କରିଛି।



# ଜୈସ୍ୱାଲଙ୍କୁ ବଡ଼ ଉପହାର ଦେଲା ଆଇସିସି



**କୋଲକାତା**

ଆଇପିଏଲ ୨୦୨୪ ପୂର୍ବରୁ ଟିମ୍ ଇଣ୍ଡିଆର ଧୂଆଁଧାର ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୈସ୍ୱାଲଙ୍କ ପାଇଁ ଖୁସି ଖବର ଆସିଛି। ଇଂଲଣ୍ଡ ବିରୋଧରେ ୫ଟି ଟେଷ୍ଟ ମ୍ୟାଚ୍ ସିରିଜ୍ ଖେଳି ସେ ୨ଥର ଦ୍ୱିଶତକ କରିଥିଲେ। ଏହି ସିରିଜ୍‌ରେ ସେ ବହୁ ରେକର୍ଡ ନିଜ ନାମରେ କରିଥିଲେ। ତାଙ୍କର ଦମ୍‌ଦାର ପ୍ରଦର୍ଶନ ଯୋଗୁ ଭାରତ ୪-୧ରେ ସିରିଜି ଜିତି ଏକ ଅନ୍ତର୍ଜାତୀୟ ରେକର୍ଡ ମଧ୍ୟ କରିଥିଲା। ଏପରିସ୍ଥଳେ ଆଇସିସି ଜୈସ୍ୱାଲଙ୍କୁ ଏକ ବଡ଼ ଉପହାର ଦେଇଛି। ସେ କୌଣସି ଏକ ଟେଷ୍ଟ ସିରିଜ୍‌ରେ ଭାରତ ପକ୍ଷରୁ ସର୍ବାଧିକ ରନ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ପାଲଟିଛନ୍ତି। ଏହା ସହିତ ସିରିଜରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ ହୋଇଛନ୍ତି। ତାଙ୍କୁ ଏହି କାରଣରୁ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଚୟନ କରାଯାଇଥିଲା। ଏବେ ତାଙ୍କୁ ଏକ ବଡ଼ ଉପହାର ମିଳିଛି। ତାଙ୍କୁ ଫେବୃୟାରୀ ମାସର ପ୍ଲେୟାର ଅଫ ଦି ମନ୍ଥ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ଆୱାର୍ଡ ପାଇଁ ଜୈସ୍ୱାଲଙ୍କ ସହିତ ନ୍ୟୁଜିଲ୍ୟାଣ୍ଡର କେନ ୱିଲୟମସନ ଏବଂ ଶ୍ରୀଲଙ୍କାର ପ୍ରଥୁମ ନିଶାଙ୍କାଙ୍କ ନାମ ମଧ୍ୟ ନୋମିନେଟ କରାଯାଇଥିଲା। କିନ୍ତୁ ଆଇସିସି ଏହି ଆୱାର୍ଡ ଜୈସ୍ୱାଲଙ୍କୁ ପ୍ରଦାନ କରିଛି। କୌଣସି ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ ସ୍କୋର କରିଥିବା ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା। ସେ ୨୦୧୬ରେ ଇଂଲଣ୍ଡ ବିରୋଧରେ ୬୫୫ ରନ କରିଥିଲେ। ଜୈସ୍ୱାଲ ତାଙ୍କ ରେକର୍ଡ ଭାଙ୍ଗି ଇଂଲଣ୍ଡ ସିରିଜ୍‌ରେ ୭୧୨ ରନ କରିଥିଲେ। ଏହା ସହିତ ସେ ଭାରତର କମ୍ ବୟସ୍କ କ୍ରିକେଟର ଭାବେ ୧ ହଜାର ରନ ସଂଗ୍ରହ କରିପାରିଛନ୍ତି। କମ୍ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ଖେଳି ୧ ହଜାର ରନ କରିବାରେ ସେ ରେକର୍ଡ କରିଛନ୍ତି। ଏହା ସହିତ ଦ୍ରୁତତମ ଭାବେ ୧ ହଜାର ରନ କରିବାରେ ସେ ମଧ୍ୟ ରେକର୍ଡ କରିଛନ୍ତି।

# ଶେଷ ମୁହୂର୍ତ୍ତରେ କେକେଆର୍ ଛାଡ଼ିଲେ ଜାସନ ରୟ

**ନୂଆଦିଲ୍ଲୀ**

ଆଉ ଗୋଟିଏ ସପ୍ତାହ ପରେ ୨୦୨୪ ଆଇପିଏଲ ଆରମ୍ଭ ହେବ। ଏହାପୂର୍ବରୁ କୋଲକାତା ନାଇଟ ରାଇଡର୍ସ(କେକେଆର) ଛାଡ଼ିଛନ୍ତି ଚର୍ଚ୍ଚିତ ବିଦେଶୀ ଖେଳାଳି ଜାସନ ରୟ। ସେ ଆଇପିଏଲରୁ ଓହରି ଯିବାରୁ କେକେଆର ତାଙ୍କ ସ୍ଥାନରେ ଇଂଲଣ୍ଡର ଅନ୍ୟତମ ଖେଳାଳି ଫିଲ ସଲ୍ଟଙ୍କୁ ନିଜ ସହ ସାମିଲ କରିଛି।

ଜାସନ ରୟଙ୍କୁ କେକେଆର ନିଲାମ ବେଳେ ୧.୫୦ କୋଟି ଟଙ୍କା ଦେଇ ନିଜ ସହ ସାମିଲ କରିଥିଲା। କିନ୍ତୁ ଆଇପିଏଲ ଆରମ୍ଭ ହେବାକୁ ଆଉ କିଛି ଦିନ ବାକି ଥିବା ବେଳେ ସେ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ନାହିଁ ବୋଲି କହିଛନ୍ତି। ରୟଙ୍କ ଏପରି ନିଷ୍ପତ୍ତି ପରେ କେକେଆର ସଲ୍ଟଙ୍କୁ କିଣିଛି।

କ୍ରିକେଟ ଅପେକ୍ଷା ସେ କିଛି ସମୟ ପରିବାର ଲୋକଙ୍କ ସହ ବିତାଇବାକୁ ଚାହୁଁଛନ୍ତି। ଏହି କାରଣ ପାଇଁ ରୟ ଆଇପିଏଲରୁ ନିଜ ନାଁ ପ୍ରତ୍ୟାହାର କରି ନେଇଥିବା କହିଛନ୍ତି। ସେ କହିଛନ୍ତି, ଅନେକ କିଛି ବିଚାର କରିବା ପରେ ମୁଁ ସବୁଠାରୁ ବଡ଼ ଓ କଠିନ ନିଷ୍ପତ୍ତି ନେଇଛି।



ଚଳିତ ବର୍ଷ ଆଇପିଏଲ ମୁଁ ମିସ୍ କରିବି। ଜାନୁଆରୀ ମାସ ଠାରୁ ମୁଁ ବାହାରେ ରହିଛି। ମୁଁ ଏବେ ପରିବାର ଲୋକଙ୍କ ପାଖକୁ ଫେରିବା ଜରୁରୀ। ଆଗକୁ ବ୍ୟସ୍ତବହୁଳ ବର୍ଷ ରହିଛି। ତେଣୁ ଏବେ ମୁଁ ଟିକିଏ ଫ୍ରେଶ୍ ହେବାକୁ ଚାହେଁ। ମୁଁ ପୂରା ଟୁର୍ଣ୍ଣାମେଣ୍ଟରେ ମୋ ବନ୍ଧୁ ଓ କେକେଆର ଖେଳାଳିଙ୍କୁ ସମର୍ଥନ କରିବି। ମୁଁ ସେମାନଙ୍କୁ ଆଇପିଏଲ ପାଇଁ ଶୁଭେଚ୍ଛା ଜଣାଉଛି।

ରୟଙ୍କ ଏପରି ନିଷ୍ପତ୍ତି ପରେ କେକେଆର ସଲ୍ଟଙ୍କୁ ୧.୫୦ କୋଟି ଟଙ୍କାରେ କିଣିଛି। ନିଲାମ ବେଳେ ତାଙ୍କୁ କୌଣସି ପ୍ରାଞ୍ଚାଇଜ କିଣି ନଥିଲେ।

# ଟି-୨୦ ବିଶ୍ୱକପରୁ ବାଦ୍ ପଡ଼ିବେ ବିରାଟ କୋହଲି !

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବେ ବିରାଟ କୋହଲି। ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଆସିଛି, ଯେଉଁଥିରେ କୁହାଯାଇଛି ଯେ ଜୁନ୍ ମାସରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ତାଙ୍କୁ ବାଦ୍ ଦିଆଯାଇପାରେ। ୨୦୨୨ରେ ଖେଳାଯାଇଥିବା ଟି-୨୦ ବିଶ୍ୱକପରେ ବିରାଟ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଥିଲେ। ହେଲେ ଏଥର ତାଙ୍କୁ ସୁଯୋଗ ମିଳିବ କି ନାହିଁ, ତାହା ସ୍ପଷ୍ଟ ହୋଇପାରିନାହିଁ। ଚଳିତ ବର୍ଷ ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଟି-୨୦ ବିଶ୍ୱକପ ଖେଳାଯିବ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୱେଷ୍ଟଇଣ୍ଡିଜର ମନ୍ଥର ପିଚ୍ ବିରାଟ କୋହଲିଙ୍କ ପାଇଁ ଅନୁକୂଳ ହେବ ନାହିଁ ବୋଲି ବିସିସିଆଇ ତାଙ୍କୁ ବାଦ୍ ଦେବାକୁ ଚିନ୍ତା କରୁଛି। ଏହା ମଧ୍ୟ କୁହାଯାଉଛି ଯେ, ନବାଗତଙ୍କୁ ସୁଯୋଗ ଦେବା ପାଇଁ ବିରାଟଙ୍କୁ ବାଦ୍ ଦିଆଯିବ। ତାଙ୍କୁ ଏନେଇ ବୁଝାଇବା ଦାୟିତ୍ୱ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦିଆଯାଇଛି। ତେବେ ଏପର୍ଯ୍ୟନ୍ତ ବିରାଟଙ୍କ ଟି-୨୦ ବିଶ୍ୱକପ ଖେଳିବା ନେଇ ସ୍ପଷ୍ଟ ସୂଚନା ଆସିପାରିନାହିଁ। ଏହା ପୂର୍ବରୁ ବିରାଟ ଆଇପିଏଲ ଖେଳିବେ ନାହିଁ



ବୋଲି ଚର୍ଚ୍ଚା ହୋଇଥିଲା। ବିରାଟଙ୍କୁ ନେଇ ପୂର୍ବତନ ଭାରତୀୟ କ୍ୟାପଟେନ ସୁନୀଲ ଗାଭାସ୍କର କହିଥିଲେ ଯେ, ସେ କ'ଣ ଖେଳିବେ କି ? କିଛି କାରଣ ପାଇଁ ସେ ବର୍ତ୍ତମାନ ଖେଳୁନାହାନ୍ତି। ଏଭଳି ବି ହୋଇପାରେ ଯେ, ସେ ଆଇପିଏଲ-୨୦୨୪ ପାଇଁ ବି ଖେଳିନପାରନ୍ତି। ତାଙ୍କର ଏଭଳି ବୟାନ ପରେ ବିରାଟ ଆଇପିଏଲ ଖେଳିବେ ନାହିଁ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଏସବୁ ଚର୍ଚ୍ଚା ହେଉଥିଲେ ବି ବିରାଟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

# ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କଲେ ରୁତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା

**ଭୁବନେଶ୍ୱର**

ଚଳିତ ବର୍ଷର ଅଲ୍ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ୨ ଓଡ଼ିଆ ଖେଳାଳି। ଯୋଗ୍ୟତା ଅର୍ଜନ କରିଛନ୍ତି ରୁତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା। ଅଲ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କରିବାରେ ଏହି ଦୁଇ ଜଣ ପ୍ରଥମ ଓଡ଼ିଆ ହୋଇଛନ୍ତି। ଇଂଲଣ୍ଡର ବର୍ମିଂହମ ଠାରେ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏହି ପ୍ରତିଯୋଗିତା ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ବଡ଼ ବଡ଼ ଖେଳାଳିମାନେ ଏଥିରେ ସାମିଲ ହୋଇଥାନ୍ତି।



# ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେସନ୍ କ୍ରୀଡ଼ାକୁ ଆକାଂକ୍ଷୀ ଚାମ୍ପିଅନଙ୍କ ଦ୍ୱାରରେ ପହଞ୍ଚାଇବ : ଅନୁରାଗ ସିଂହ ଠାକୁର

## ୯ରୁ ୧୮ ବର୍ଷର ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଚଣ୍ଡିଗଡ଼ରେ 'କୀର୍ତ୍ତି' କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ

**ଭୁବନେଶ୍ୱର, ପିଆଇବି**

୯ ରୁ ୧୮ ବର୍ଷ ବୟସର ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଚଣ୍ଡିଗଡ଼ରେ 'କୀର୍ତ୍ତି' କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂହ ଠାକୁର ମଙ୍ଗଳବାର ଚଣ୍ଡିଗଡ଼ସ୍ଥିତ ସେକ୍ଟର-୭ କ୍ରୀଡ଼ା ପରିସରରେ ବହୁ ଉତ୍ସାହର ସହ ଅନନ୍ୟ ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେସନ୍ (କୀର୍ତ୍ତି) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ୯ ରୁ ୧୮ ବର୍ଷ ବୟସ୍କ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିବ : ଦେଶର କୋଣ ଅନୁକୋଣରୁ ପ୍ରତିଭା ଖୋଜିବା ଏବଂ ନିଶା ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଜନିତ ବିଭ୍ରାନ୍ତିକୁ ରୋକିବା ପାଇଁ କ୍ରୀଡ଼ାକୁ ଏକ ଉପକରଣ ଭାବେ ବ୍ୟବହାର କରିବା।

ଶ୍ରୀ ଠାକୁର କହିଥିଲେ ଯେ କ୍ରୀଡ଼ା ସଂସ୍କୃତି ଗଠନ କରିବା ଏବଂ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡ଼ା ଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତକୁ ପଦକ ଜିତିବା ପାଇଁ ପ୍ରତିଭାର ଏକ ଭଣ୍ଡାର ସୃଷ୍ଟି କରିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ଥିଲା।

କୀର୍ତ୍ତି ଭାରତର ୫୦ଟି କେନ୍ଦ୍ରରେ ଏକ ଉଲ୍ଲେଖନୀୟ ଶୁଭାରମ୍ଭ କରିଛି। ଆଥ୍‌ଲେଟିକ୍ସ, ବକ୍ସିଂ, କୁସ୍ତି, ହକି, ଫୁଟ୍‌ବଲ ଓ କୁସ୍ତି ସମେତ ୧୦ଟି କ୍ରୀଡ଼ାରେ ପ୍ରଥମ ପର୍ଯ୍ୟାୟରେ ୫୦ ହଜାର ଆବେଦନକାରୀଙ୍କ ମୂଲ୍ୟାୟନ କରାଯାଉଛି। ବିଜ୍ଞାପିତ ପ୍ରତିଭା ମୂଲ୍ୟାୟନ କେନ୍ଦ୍ର ମାଧ୍ୟମରେ ପ୍ରତିଭା ଚିହ୍ନଟ କରିବା ପାଇଁ ସାରା ଦେଶରେ ବର୍ଷ ସାରା ୨୦ ଲକ୍ଷ ମୂଲ୍ୟାୟନ କରିବାକୁ କୀର୍ତ୍ତି ଲକ୍ଷ୍ୟ ରଖିଛି।

ସ୍କାଉଟିଂ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାରତରେ ପ୍ରଥମ ଏବଂ ଏପରି ଏକ ସମୟରେ ଆସିଛି ଯେତେବେଳେ ଦେଶ '୨୦୩୬ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୧୦ଟି କ୍ରୀଡ଼ା ରାଷ୍ଟ୍ର ଏବଂ ୨୦୪୭ ସୁଦ୍ଧା ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ପରିଣତ ହେବାକୁ ଚାହୁଁଛି' ବୋଲି ଶ୍ରୀ ଠାକୁର କହିଛନ୍ତି।

ଶ୍ରୀ ଠାକୁର ଗୁରୁତ୍ୱାରୋପ କରି କହିଥିଲେ ଯେ ଯୁବଗୋଷ୍ଠୀ ହେଉଛନ୍ତି ଦେଶର ବିଲ୍ଡିଂ ବ୍ଲକ ଏବଂ କ୍ରୀଡ଼ାରେ ଫଳାଫଳ ହାସଲ କରିବାକୁ ହେଲେ ଶୀଘ୍ର ଆରମ୍ଭ କରିବାକୁ ପଡ଼ିବ। ଅଲିମ୍ପିକ୍ସ ପଦକ ଜିତିବା ପାଇଁ ଜଣେ ଆଥଲେଟଙ୍କୁ ଅତି କମରେ ୧୦ ବର୍ଷର ପ୍ରସ୍ତୁତି ର ଆବଶ୍ୟକତା ରହିଛି ବୋଲି କହି ମନ୍ତ୍ରୀ କହିଛନ୍ତି, 'କୀର୍ତ୍ତି ଦେଶର ପ୍ରତ୍ୟେକ ବ୍ଲକରେ ପହଞ୍ଚି ସେହି ପିଲାମାନଙ୍କ ସହ ଯୋଡ଼ି ହେବାକୁ ଚାହୁଁଛନ୍ତି ଯେଉଁମାନେ ଖେଳ ଖେଳିବାକୁ ଚାହୁଁଛନ୍ତି କିନ୍ତୁ କିପରି




ଜାଣନ୍ତି ନାହିଁ। ଆମେ ଜାଣୁ ଯେ ଖେଳ ଖେଳୁଥିବା ପ୍ରତ୍ୟେକ ପିଲା ପଦକ ଜିତିପାରିବେ ନାହିଁ କିନ୍ତୁ ଅନ୍ତତଃ ଆମେ ଯୁବପିଢ଼ିଙ୍କୁ ଡ୍ରଗ୍ସ ଏବଂ ଅନ୍ୟାନ୍ୟ ନିଶାଠାରୁ ଦୂରେଇ ରଖିବା ପାଇଁ କ୍ରୀଡ଼ାକୁ ବ୍ୟବହାର କରିବାକୁ ଚାହୁଁଛୁ । ମୁଁ ପ୍ରତ୍ୟେକ ପିଲାଙ୍କୁ ମାଇଁ ଭାରତ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଅନୁରୋଧ କରୁଛି ଏବଂ ସେମାନଙ୍କ ପାଖକୁ ଯାଇ କୀର୍ତ୍ତି ମାଧ୍ୟମରେ ସୁଯୋଗ ପ୍ରଦାନ କରିବାର ଦାୟିତ୍ୱ ଆମ ଉପରେ ରହିବ।

ସୂଚନା ପ୍ରଯୁକ୍ତି ବିଦ୍ୟା ଉପରେ ଆଧାରିତ ଏହାର ସ୍ୱଚ୍ଛ ଚୟନ ପଦ୍ଧତି ଦ୍ୱାରା କୀର୍ତ୍ତିର ଆଥଲେଟ୍-କେନ୍ଦ୍ରୀତ କାର୍ଯ୍ୟକ୍ରମ ସ୍ପଷ୍ଟ ଭାବରେ ଦେଖାଯାଏ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ଆଧାରିତ ଡାଟା ଆନାଲିଟିକ୍ସକୁ ଜଣେ ଆଶାୟୀ ଆଥଲେଟଙ୍କ କ୍ରୀଡ଼ା ଦକ୍ଷତାର ପୂର୍ବାନୁମାନ କରିବା ପାଇଁ ବ୍ୟବହାର କରାଯାଉଛି । ଶ୍ରୀ ଠାକୁର ଆହୁରି ମଧ୍ୟ କହିଛନ୍ତି ଯେ ଏତେ ବଡ଼ ପ୍ରତିଭା ସ୍କାଉଟିଂ ବ୍ୟବସ୍ଥା ପାଇଁ ଜାତୀୟ କ୍ରୀଡ଼ା ମହାସଂଘ ଓ ରାଜ୍ୟ ସରକାରଙ୍କ ସହ ରଣନୀତିକ ସହଯୋଗର ଆବଶ୍ୟକତା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଭିତ୍ତିଭୂମି ପାଇଁ ୩୦୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି ଏବଂ ସମଗ୍ର ଦେଶରେ ୧୦୦୦ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ରହିଛି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଗଡ଼ ସାଂସଦ ଶ୍ରୀମତୀ କିରଣ ଖେର, ଚଣ୍ଡିଗଡ଼ ପ୍ରଶାସନର ଉପଦେଷ୍ଟା ରାଜୀବ ବର୍ମା, ହାଙ୍ଗଜୋ ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ତଥା ଉଦୀୟମାନ ଜାଭେଲିନ୍ ତାରକା ତଥା ପ୍ୟାରିସ୍ ଅଲିମ୍ପିକ୍ସ ପଦକ ପ୍ରତିଯୋଗୀ କିଶୋର କୁମାର ଜେନା ଉପସ୍ଥିତ ଥିଲେ।

ଶ୍ରୀମତୀ ଖେର୍ ଆଇପିଏଲ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କହିଛନ୍ତି ଯେ ଚଣ୍ଡିଗଡ଼ କପିଳ ଦେବ, ଯୁବରାଜ ସିଂହ ଏବଂ ଅଭିନବ ବିନ୍ଦ୍ରାଙ୍କ ଭଳି ସେଲିବ୍ରିଟି କ୍ରୀଡ଼ାବିତ୍‌ଙ୍କୁ ଦେଇଛି ଏବଂ ଏହି ଯୋଜନା ଖେଳ ଖେଳୁଥିବା ଲୋକଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଆଣିଛି।

ପ୍ରତ୍ୟେକ ପିତାମାତା ଚାହାଁନ୍ତି ଯେ ତାଙ୍କ ସନ୍ତାନ ଜୀବନରେ କିଛି ହାସଲ କରନ୍ତୁ । କିନ୍ତୁ ଅନେକ ସମୟରେ ସ୍ୱପ୍ନ ବାସ୍ତବତାରେ ପରିଣତ ହୁଏ ନାହିଁ। ଅତି କମରେ କ୍ରୀଡ଼ାକ୍ଷେତ୍ରରେ କୀର୍ତ୍ତି ସେହି ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ। ଏବେ ଖେଳରେ ଉତ୍କୃଷ୍ଟ ହେବାକୁ ଚାହୁଁଥିବା ପ୍ରତ୍ୟେକ ପିଲାଙ୍କ ପାଇଁ ଏକ ରାସ୍ତା ରହିବ ବୋଲି ଶ୍ରୀମତୀ ଖେର କହିଛନ୍ତି।

ଚଣ୍ଡିଗଡ଼ର ସେକ୍ଟର ୭ ସ୍ପୋର୍ଟସ କମ୍ପ୍ଲେକ୍ସରେ ଚୟନ ପ୍ରକ୍ରିୟା ପାଇଁ ବହୁ ଯୁବ ବାଳକ ଓ ବାଳିକା ଆସିଥିଲେ। ୧୪ ବର୍ଷୀୟ ଦୌଡ଼କୁଦ ଖେଳାଳି ଅମନ ଶର୍ମା ଓ ୧୭ ବର୍ଷୀୟ ୱାକର ଜସକରନ ସିଂହଙ୍କ ପାଇଁ ଏକ ବଡ଼ ସୁଯୋଗ ଖୋଲିଛି। 'ଆମେ ବର୍ତ୍ତମାନ ଜାଣିଛୁ କେଉଁଠି ଯାଇ ପ୍ରଶିକ୍ଷଣ ନେବା ଉଚିତ। କୀର୍ତ୍ତି ପ୍ରକୃତରେ ଆମକୁ ପ୍ରେରଣା ଦେଉଛି,' କହିଛନ୍ତି ଜସକରନ, ପ୍ୟାରିସ ଯାଉଥିବା ଜେନାଙ୍କ ସହ ଫଟୋ ଉଠାଇବା ପାଇଁ ତାଙ୍କ ପାଳିକୁ ଅପେକ୍ଷା କରିଛନ୍ତି।

ଗତବର୍ଷ ବୁଡାପେଷ୍ଟରେ ଅନୁଷ୍ଠିତ ଏସୀୟ କ୍ରୀଡ଼ା ଓ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ଚୋପ୍ରାଙ୍କୁ ଚ୍ୟାଲେଞ୍ଜ କରିଥିବା ବ୍ୟକ୍ତି ଶ୍ରୀ ଜେନାଙ୍କୁ ସମ୍ମାନିତ କରି କହିଥିଲେ, କ୍ରୀଡ଼ାବିତ୍ ମାନଙ୍କୁ ତୃଣମୂଳ ସ୍ତରରେ ଯଥେଷ୍ଟ ସମର୍ଥନ ମିଳୁନଥିବା ମୁଁ ପୂର୍ବରୁ ଆଲୋକପାତ କରିସାରିଛି। ଯେତେବେଳେ ସେମାନେ ପଦକ ଜିତିବା ଆରମ୍ଭ କରନ୍ତି ସେତେବେଳେ ସେମାନଙ୍କୁ ଆର୍ଥିକ ଏବଂ ନୈତିକ ସମର୍ଥନ ମିଳିଥାଏ, ଯାହା ହେବା ଉଚିତ ନୁହେଁ । କୀର୍ତ୍ତି ଏକ ମହାନ ଯୋଜନା ଏବଂ ଏହା ସଠିକ୍ ବୟସର ପିଲାମାନଙ୍କୁ ନିୟୋଜିତ କରୁଛି । ସେମାନେ ଶକ୍ତିରେ ପରିପୂର୍ଣ୍ଣ ଏବଂ ସେମାନଙ୍କ ପ୍ରତିଭାକୁ ଚିହ୍ନିବା ପରେ ସେମାନଙ୍କୁ ପ୍ରସ୍ତୁତ କରିବା କିମ୍ବା ତାଲିମ୍ ପ୍ରଦାନ କରିବାର ସମୟ ଆସିଛି।

୨୦୩୦ରେ ଯୁବ ଅଲିମ୍ପିକ୍ସ ଓ ୨୦୩୬ରେ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତର ଇଚ୍ଛାକୁ ଶ୍ରୀ ଠାକୁର ପୁଣି ଥରେ ଦୋହରାଇଥିଲେ।

ଯଦି ଆମେ ବିଶ୍ୱ ମହାଶକ୍ତି ହେବାକୁ ଚାହୁଁଛୁ, ତେବେ ଆମକୁ କ୍ରୀଡ଼ାର ସଫ୍ଟ ପାୱାରକୁ ପ୍ରଦର୍ଶନ କରିବାକୁ ପଡ଼ିବ। ସଙ୍ଗୀତ, ଚଳଚ୍ଚିତ୍ର ଏବଂ କ୍ରୀଡ଼ା ହେଉଛି ଯାତ୍ରା କରିବାର ବାହନ ଏବଂ ଆମେ ସେସବୁରେ ଭଲ। କୀର୍ତ୍ତି କେବଳ ଏହାକୁ ମଜବୁତ କରିବାରେ ସାହାଯ୍ୟ କରିବ। ସରକାରଙ୍କ ତରଫରୁ ଆମକୁ କେବଳ ସହଜ ବ୍ୟବସାୟକୁ ସୁଗମ କରିବାକୁ ହେବ ଏବଂ ଏହା ଏକ ପ୍ରାଥମିକତା ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି।

ଶ୍ରୀ ଠାକୁରଙ୍କ କୀର୍ତ୍ତି ଉଦ୍‌ଘାଟନ ବାଇଟର ଟ୍ୱିଟର ଲିଙ୍କ :
https://x.com/ianuragthakur/status/1767477378547142685?s=48&t=i-_pAF8vR1iF0agU_b9IbA
https://x.com/ANI/status/1767438111389204991?t=8ZMxw24qK_PTE22LLduWdw&s=08

ଖେଲୋ ଇଣ୍ଡିଆ ମିଶନ ବିଷୟରେ: ଖେଲୋ ଇଣ୍ଡିଆ ଯୋଜନା ହେଉଛି ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ପ୍ରମୁଖ କେନ୍ଦ୍ରୀୟ କ୍ଷେତ୍ର ଯୋଜନା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁଯାୟୀ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ମିଶନର ଉଦ୍ଦେଶ୍ୟ ହେଉଛି ଦେଶରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ଉତ୍କର୍ଷତା ହାସଲ କରିବା ଯାହା ଦ୍ୱାରା ଜନସାଧାରଣ ଏହାର କ୍ରସ୍ କଟିଂ ପ୍ରଭାବ ମାଧ୍ୟମରେ କ୍ରୀଡ଼ାର ଶକ୍ତିର ଉପଯୋଗ କରିପାରିବେ। ଖେଲୋ ଇଣ୍ଡିଆ ଯୋଜନାର 'କ୍ରୀଡ଼ା ପ୍ରତିଯୋଗିତା ଏବଂ ପ୍ରତିଭା ବିକାଶ' ଅଧୀନରେ 'ପ୍ରତିଭା ପରିଚୟ ଏବଂ ବିକାଶ' ଉପାଦାନ ଦେଶର କ୍ରୀଡ଼ା ଇକୋସିଷ୍ଟମର ବିକାଶ ପାଇଁ ତୃଣମୂଳ ଏବଂ ଉଚ୍ଚସ୍ତରୀୟ କ୍ରୀଡ଼ାବିତ୍‌ଙ୍କ ଚିହ୍ନଟ ଏବଂ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ସମର୍ପିତ।

## ମହାକାଳପଡ଼ା ବ୍ଲକ୍‌ରେ ମନ୍ତ୍ରୀଙ୍କ ମାରାଥନ ଗସ୍ତ

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଆଜି ମହାକାଳପଡ଼ା ବ୍ଲକରେ ଥିଲା ମାରାଥନ ଗସ୍ତ। ପ୍ରଥମେ ଶ୍ରୀ ନାୟକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଗୃହ, ମହାକାଳପଡ଼ା ସେବା ସମବାୟ ସମିତିର ନୂତନ ଗୋଦାମ ଗୃହ ଓ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ମହାକାଳପଡ଼ା ମିଶନ ଶକ୍ତି ଗୃହ ମଧ୍ୟ ଉଦ୍‌ଘାଟନ କରାଯାଇଛି। ପରେ କିଆରବାଙ୍କ ଠାରେ ଶୀତଳଭଣ୍ଡାର ଗୃହର ଶିଳାନ୍ୟାସ କରାଯାଇଛି। ସେହିପରି ପେଟଛେଳା ଠାରେ ଜଙ୍ଗଲ ଘେରିକୁ



ଯିବା ପାଇଁ ବିଜୁ ସେତୁର ଶିଳାନ୍ୟାସ କରାଯାଇଛି। ରାମନଗର ଠାରେ ନୂତନ ଆଲୋକୀକରଣ ଉଦ୍‌ଘାଟନ କରାଯାଇଛି। ଜମ୍ବୁ ଲକ୍‌ର ସୌନ୍ଦର୍ଯ୍ୟୀକରଣ, ନୂତନ ଅତିଥିଭବନ ଓ ଶିଶୁ ଉଦ୍ୟାନର ଶିଳାନ୍ୟାସ କରାଯାଇଛି। ମଙ୍ଗଳପୁର ସେବା ସମବାୟ ସମିତିର ନୂତନ ଗୃହର ମଧ୍ୟ ଶିଳାନ୍ୟାସ କରାଯାଇଛି। ନବୀନ ଓଡ଼ିଶାରେ ଦୁର୍ଗା ମଣ୍ଡପର ମଙ୍ଗଳପୁର ଠାରେ ଉଦ୍‌ଘାଟନ କରାଯାଇଛି। ପେଟଛେଳା ଡାକ୍ତରଖାନା ପାଖରୁ ବାଘୁଆମେଦି ପର୍ଯ୍ୟନ୍ତ ନୂତନ ରାସ୍ତାର ଶିଳାନ୍ୟାସ କରାଯାଇଛି। ପେଟଛେଳା ପଞ୍ଚାୟତ ଲୁଣିମାଠିଆ ଠାରେ ଆୟୋଜିତ ଭତ୍ତା ବଣ୍ଟନ, ଯୁବକମାନଙ୍କୁ ଖେଳକିଟ୍ ବଣ୍ଟନ ଓ ନବୀନ କାର୍ଡ଼ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ନାୟକ ନିଜ ବକ୍ତବ୍ୟରେ କହିଥିଲେ ଜଙ୍ଗଲ ଘେରିକୁ ଯିବାକୁ ବାଟ ଫିଟିଲା। ବହୁ ପ୍ରତିକ୍ଷିତ ବିଜୁ ସେତୁ ନିର୍ମାଣ କରାଯିବ। ଗମନାଗମନରେ ଜଙ୍ଗଲ ଘେରିକୁ ଯିବା ଆସିବାରେ ଆଉ ଅସୁବିଧା ହେବ ନାହିଁ। ଲୋକମାନଙ୍କ ଅବସ୍ଥାରେ ବହୁତ ପରିବର୍ତ୍ତନ ହେବ । ଯୁବକମାନେ ଭଲ ଖେଳନ୍ତୁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଆଜି ଓଡ଼ିଶାର ଉନ୍ନତି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ଜମ୍ବୁ ଲକ୍‌ର ସୌନ୍ଦର୍ଯ୍ୟୀକରଣ ହେବାଦ୍ୱାରା ଏହି ଅଞ୍ଚଳର ଗୁରୁତ୍ୱ ବଢ଼ିବ ବୋଲି ମୁଖ୍ୟଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସାଗର କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭି ଜେନା, କବିତା ମଲିକ, ମଙ୍ଗଳପୁର ସେବା ସମବାୟ ସମିତି ସଭାପତି ହିମାଂଶୁ ଶେଖର ସାହୁ, ମହାକାଳପଡ଼ା ସେବା ସମବାୟ ସମିତିର ସଭାପତି ସଂଜୟ କୁମାର ଜେନା, ସରପଞ୍ଚ ରତିକାନ୍ତ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, ମହାକାଳପଡ଼ା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅକ୍ଷୟ ଦାସ, ସିଡ଼ିପିଓ କବିତା ମଲିକ, ପୂର୍ତ୍ତବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତି, ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ, ଯନ୍ତ୍ରୀ ଦେବାଶିଷ ସାମଲ, ମେଡ଼ିକାଲ୍ ଇନ୍‌ଚାର୍ଜ ନିରଞ୍ଜନ କରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ।

## ।। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ।।

# 'ଭାଷା ଭାବ ବିନିମୟର ସୁବର୍ଣ୍ଣ ସୁଯୋଗ ସେତୁ'

**ବାଲେଶ୍ୱର, ନ୍ୟୁଜ୍**

ଭାଷା ଭାବ ବିନିମୟର ସୁସ୍ଥ ସୁନ୍ଦର ଓ ସୁବର୍ଣ୍ଣ ସଂଯୋଗସେତୁ। ଚିନ୍ତା ବିନା ଭାଷାର ପରିକଳ୍ପନା ନାହିଁ ଓଡ଼ିଆ ଭାଷା ପଚିଶ ଶହ ବର୍ଷ ତଳର ପୁରୁଣା ଭାଷା। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଓଡ଼ିଆ ଭାଷାକୁ ଷଷ୍ଠ ଶାସ୍ତ୍ରୀୟ ଭାଷାଭାବରେ ମାନ୍ୟତା ପ୍ରଦାନକରି ଭାରତ ସରକାର ପ୍ରତିଟି ଓଡ଼ିଆର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିଳାଲେଖ, ଅଭିଲେଖ ଠାରୁ ଆରମ୍ଭକରି ତାଳପତ୍ର ପୋଥିରେ ଲିଖିତ ଓଡ଼ିଆ




ଭାଷା ସମ୍ପର୍କିତ ବହୁତଥ୍ୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ ମୁଖ୍ୟଅତିଥି, ଓଡ଼ିଆ ବିଭାଗର ମୁଖ୍ୟା ଡ. ଶିବାନୀ ଡଗର ମୁଖ୍ୟବକ୍ତା, ସଂସ୍କୃତ ବିଭାଗର ଅଧ୍ୟାପକ ଡ. ହରିପଦ ଦାଶ, ଇଂରାଜୀ ବିଭାଗର ଅଧ୍ୟାପିକା ମଣିମାଳା ବିଶ୍ୱାଳ, ଗୃହବିଜ୍ଞାନର ଅଧ୍ୟାପିକା ମମତା ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ନିଜ ନିଜ ମନ୍ତବ୍ୟରେ ଜଣେ ଜଣେ ଓଡ଼ିଆ ବୋଲି ଗର୍ବ ଅନୁଭବ କରିଥିଲେ। ଏହି ଅବସରରେ ସର୍ବପ୍ରଥମେ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରୀ ବୈଶାଖୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭାଗର ସମସ୍ତଛାତ୍ରୀ ଯୋଗଦାନ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଳରାବାଙ୍କଠାରେ ୧୦୦ ...

ମଧ୍ୟ କହିଥିଲେ ଯେ ନିଜ ଗାଁ ପାଇଁ ନିଜ ଜନ୍ମମାଟି ପାଇଁ କିଛି କରିବା ହେଉଛି ଜୀବନର ଶ୍ରେଷ୍ଠ ସନ୍ତୋଷ। କଳରାବାଙ୍କ ଗାଁର ରୂପାନ୍ତର ପାଇଁ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଆମେ ସମସ୍ତେ ଯଦି ନିଜ ଗାଁ ନିଜ ମାଟି ପାଇଁ ଦାୟିତ୍ୱର ସହ କାମ କରିବା ତେବେ ରୂପାନ୍ତର ଲକ୍ଷ୍ୟ ଖୁବ୍ ଶୀଘ୍ର ପୂରଣ ହେବ।

କିମ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୯ଟି ୧୦୦ ଶଯ୍ୟାବିଶିଷ୍ଟ ହସ୍‌ପିଟାଲ କରାଯାଉଥିବା ଜାଣି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି କହିଥିଲେ ଯେ ଆମ ପାଇଁ ପ୍ରତି ଜୀବନ ମୂଲ୍ୟବାନ। ଆମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମହତ ଲକ୍ଷ୍ୟ ନେଇ ଆମେ କାମ କରୁଛୁ ଏବଂ ଓଡ଼ିଶାର ସବୁ ପରିବାର ଯେପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ତାକୁ ଆମେ ପ୍ରାଧାନ୍ୟ ଦେଇ କାମ କରୁଛୁ ବୋଲି କହିଥିଲେ। ଏ ଦିଗରେ ଆମ ହସ୍‌ପିଟାଲ, ବିଏସ୍‌କେୱାଇ, ବିଏସ୍‌କେୱାଇ ନବୀନ କାର୍ଡ ଆଦି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସରକାରଙ୍କ ଏହି ଉଦ୍ୟମରେ କିମ୍ସ ପରି ଘରୋଇ ସଂସ୍ଥା ଗୁଡିକର ଯୋଗଦାନ ଆମର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆହୁରି ମଜଭୂତ୍ କରିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ କିମ୍ସର ପ୍ରତିଷ୍ଠାତା ଓ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ସମାଜର ଦୁଇଟି ଅପରିହାର୍ଯ୍ୟ ଦିଗ । ମୁଖ୍ୟମନ୍ତ୍ରୀ ଏହି ଦୁଇଟି ଦିଗକୁ ଗୁରୁତ୍ୱର ସହ ନେଇ ଏହାର ବିକାଶ ଜରିଆରେ ଶୀର୍ଷରେ ପହଞ୍ଚାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଉନ୍ନତିକୁ ସମାନ ଭାବେ ପ୍ରାଧାନ୍ୟ ଦେଇଥାନ୍ତି। କଳରାବାଙ୍କ ଗ୍ରାମରେ ସହର ଭଳି ସମସ୍ତ ସୁବିଧା ଉପଲବ୍ଧ କରାଯାଇଛି। ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ପ୍ରୋତ୍ସାହନ ପ୍ରଶଂସନୀୟ ଅଟେ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ନିଜ ଜନ୍ମ ମାଟି ଓ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମହତ ଯୋଗଦାନକୁ ପ୍ରଶଂସା କରି କହିଥିଲେ ଯେ ଅଚ୍ୟୁତବାବୁଙ୍କ ଏହି ମହାନ ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ।

ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ଚନ୍ଦ୍ର ସାରଥୀ ବେହେରା କହିଥିଲେ ଯେ ସମୟ ଥିଲା ଓଡ଼ିଶାବାସୀ ଚିକିତ୍ସା ପାଇଁ ବାହାର ରାଜ୍ୟକୁ ଯାଉଥିଲେ। ଆଜି ଅନ୍ୟ ରାଜ୍ୟରୁ ଲୋକ ଆସୁଛନ୍ତି ଏଠାରେ ଚିକିତ୍ସିତ ହେବା ପାଇଁ ଓ ପାଠ ପଢିବା ପାଇଁ । ଏ ସବୁ ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଓ କାର୍ଯ୍ୟକ୍ରମ ପାଇଁ। କଳରାବାଙ୍କର ଏହି ଅତ୍ୟାଧୁନିକ ହସ୍‌ପିଟାଲ ଅଞ୍ଚଳବାସୀଙ୍କ ସହିତ ଜିଲ୍ଲା ତଥା ପଡୋଶୀ ଜିଲ୍ଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଯେ ଏହି ହସ୍‌ପିଟାଲରେ ୨୪ ଘଣ୍ଟିଆ ଆପାତକାଳୀନ ସେବା, ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା, ଅତ୍ୟାଧୁନିକ ରୋଗ ନିଦାନ କେନ୍ଦ୍ର, ଆଇସିୟୁ, ସିଟିସ୍କାନ, ଏଚ୍‌ଡିୟୁ, ଏମ୍‌ଆରଆଇ, କ୍ୟାବିନ୍, ଅଲଟ୍ରାସାଉଣ୍ଡ, ଓଟି, ଅତ୍ୟାଧୁନିକ ପରୀକ୍ଷାଗାର, ଜେନେରାଲ ୱାର୍ଡ, ଫିଜିଓଥେରାପି କେନ୍ଦ୍ର ଭଳି ସମସ୍ତ ଅତ୍ୟାଧୁନିକ ଚିକିତ୍ସା ସେବା କିମ୍ସ ପକ୍ଷରୁ ଉପଲବ୍ଧ କରାଯାଇଛି। ଏହି ହସ୍‌ପିଟାଲ ବିଏସ୍‌କେୱାଇ ହିତାଧିକାରୀ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

ଭିତ୍ତି ଦିଆଯାଇଥିବା ହସ୍‌ପିଟାଲଗୁଡିକ ହେଲା ବଲାଙ୍ଗୀର, କଳାହାଣ୍ଡି, ବାରିପଦା, କେନ୍ଦୁଝର, ବାଲେଶ୍ୱର, ପୁରୀ, ସୁନ୍ଦରଗଡ, ସମ୍ବଲପୁର, କୋରାପୁଟ, ଶିବପୁର(ଜଗତସିଂହପୁର), ଲୁଣିବାହାଲ ଓ ମନମୁଣ୍ଡା (ବୌଦ୍ଧ), ପାଣିକୋଇଲି (ଯାଜପୁର), ବାଲିଗୁଡା, ଫୁଲବାଣୀ ଓ ଜି. ଉଦୟଗିରି ( କନ୍ଧମାଳ), ଦଶପଲ୍ଲା (ନୟାଗଡ) ଏବଂ ଭଞ୍ଜନଗର ଓ ନରସିଂହପୁର (ଗଞ୍ଜାମ) । ଏହି ସମସ୍ତ ହସ୍‌ପିଟାଲ ଗୁଡିକରେ ସମ୍ପୃକ୍ତ ଜିଲ୍ଲାର ୧୫୦ ଜଣ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଦିଆଯିବ ବୋଲି ହସ୍‌ପିଟାଲ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ସେବାୟତମାନଙ୍କ...

ସେବାୟତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରବେଶିକା ପରୀକ୍ଷା ଯଥା ଏନ୍‌ଇଇଟି, ଜେଇଇ ଓ ସିଭିଲ୍ ସର୍ଭିସ୍ କୋଚିଂ ପାଇଁ ବ୍ୟବସ୍ଥା ବାବଦରେ ବର୍ଷକୁ ୫୦ ହଜାର ଟଙ୍କା ହିସାବରେ ସର୍ବାଧିକ ୩ ଥର ସହାୟତା ଯୋଗାଇ ଦିଆଯିବ।

ସେବାୟତମାନଙ୍କୁ ଦିଆଯାଉଥିବା ବିଭିନ୍ନ ବର୍ଦ୍ଧିତ ଭତ୍ତା, ସ୍ୱାସ୍ଥ୍ୟ ବୀମା ରାଶି, କୋଚିଂ ସହାୟତା ଓ ଅନ୍ୟାନ୍ୟ ସହାୟତା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ୧୦.୮୫ କୋଟି ଯୋଗାଇ ଦେଇଛନ୍ତି।

## ପଞ୍ଚାୟତିରାଜ...

୧୦,୦୦୦ ଟଙ୍କା ମାସିକ ପାରିତୋଷିକ ପାଇବେ ଏବଂ ସେମାନଙ୍କ ଦୈନିକ ଭତ୍ତା ଡିଏ ଯୁକ୍ତ ଏସ୍‌ଏଫ୍ ମଧ୍ୟ ୩୦୦ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିଭଳି ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ୩,୫୩୦ ଟଙ୍କା ପାଉଥିଲେ । ଏବେ ୧୫,୦୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷମାନେ ପୂର୍ବରୁ ପାରିତୋଷିକ ୨,୩୫୦ ଟଙ୍କା ପାଉଥିଲେ । ଏବେ ୭,୫୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ସଦସ୍ୟମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିଲେ । ଏବେ ୭,୫୦୦ ଟଙ୍କା ପାଇବେ। ସେହିଭଳି ସରପଞ୍ଚମାନେ ପୂର୍ବରୁ ୨,୩୫୦ ଟଙ୍କା ପାଉଥିବା ବେଳେ ଏବେ ୧୦,୦୦୦ ଟଙ୍କା ପାଇବେ। ନାଏବ ସରପଞ୍ଚମାନେ ପୂର୍ବରୁ ୯୪୦ ଟଙ୍କା ପାଉଥିବା ବେଳେ ଏବେ ୪,୦୦୦ ଟଙ୍କା ପାଇବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ,ଉପାଧ୍ୟକ୍ଷ ,ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ ନାଏବ ସରପଞ୍ଚ ଏବଂ ୱାର୍ଡମେମ୍ବରମାନଙ୍କର ଦୈନିକ ଭତ୍ତା ଡିଏ ଯୁକ୍ତ ଏସ୍‌ଏଫ୍ ୨୪୦ ଟଙ୍କାରୁ ୪୮୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପାରିତୋଷିକ ଓ ଭତ୍ତା ବାବଦରେ ୭୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଉଥିଲା। ବର୍ଦ୍ଧିତ ରାଶି ଅନୁଯାୟୀ ଏବେ ୨୪୨.୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ଏଥିପାଇଁ ୧୬୨.୬୮ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ।

ଏହା ବ୍ୟତିତ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କର ପଦବୀରେ ଥିବା ସମୟରେ ବିୟୋଗ ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ବାବଦରେ ୨ ଲକ୍ଷ ଟଙ୍କା ମିଳିବ । ଏହା ସହିତ ଦୁର୍ଘଟଣାଜନିତ ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା ଦିଆଯିବ। ସେହିପରି ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବ।

## ୫-ଟି ଅଧ୍ୟକ୍ଷଙ୍କୁ ...

ସିଂଙ୍କ ନେତୃତ୍ୱରେ ଅଲ ଓଡ଼ିଶା ଜିପିଏଲଏ ସଦସ୍ୟ ୫-ଟି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ବୀରମହାରାଜପୁର ଏନଏସି, ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ପାଇକମାଳ ଏନଏସି, ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ବରଗଡ଼ ଏନଏସିର ଭେଡେନ ଜନତା ଏବଂ ରମେଶ ମାଝିଙ୍କ ନେତୃତ୍ୱରେ ଯାଦବ ମହାସଂଘ କର୍ମକର୍ତ୍ତା ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ । ଏମାନଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ୫-ଟି ଅଧ୍ୟକ୍ଷଙ୍କୁ ଭେଟିଥିଲେ।

## ନିର୍ବାଚନ ପାଇଁ...

କାମରେ ହିଁ ବିଶ୍ୱାସ କରନ୍ତି। ଏପର୍ଯ୍ୟନ୍ତ ସେ ଓଡ଼ିଶା ଏବଂ ସାଢେ ଚାରିକୋଟି ଓଡ଼ିଶାବାସୀଙ୍କୁ ନିଜର ପରିବାର ମଣି ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଲୋକେ ସେଥିପାଇଁ ତାଙ୍କୁ ଆଦର କରୁଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ କରିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ନିର୍ବାଚନ ଆଜି ହେଉ କି କାଲି, ଯେକୌଣସି ସମୟରେ ହେଲେବି ତାହା ନବୀନଙ୍କ ପାଇଁ କୌଣସି ଅସୁବିଧା ସୃଷ୍ଟି କରିବ ନାହିଁ ବୋଲି ସମୀକ୍ଷକ ମତ ଦେଇଛନ୍ତି।

ଦୀର୍ଘ ୨୪ ବର୍ଷର ଶାସନକାଳ ମଧ୍ୟରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ କ୍ଷେତ୍ରରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ତାହା ମାଇଲ ଖୁଣ୍ଟ ହୋଇଛି। ମିଶନ ଶକ୍ତି ଜରିଆରେ କୋଟି କୋଟି ମହିଳା ଶସକ୍ତ ହୋଇପାରିଛନ୍ତି। ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ମଧ୍ୟ ହୋଇଛନ୍ତି। ମିଲେଟ୍ ମିଶନ ଜରିଆରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଉପଯୁକ୍ତ ବଜାର ବ୍ୟବସ୍ଥା କରାଯାଇପାରିଛି। ଏହା ଜରିଆରେ ଓଡ଼ିଶା ସାରା ପୃଥିବୀରେ ନୂଆ ପରିଚୟ ପାଇଛି। ସେହିପରି ମିଶନ ଶକ୍ତି ବଜାର, କାଫେ, କୋରାପୁଟ୍ କଫିକୁ ମଧ୍ୟ ପୃଥିବୀରେ ନବୀନ ପଟ୍ଟନାୟକ ପରିଚିତ କରାଇଛନ୍ତି। ବିଲ୍‌ଗେଟ୍ ମିଶନ ଶକ୍ତି ବଜାର ବୁଲି କୋରାପୁଟ୍ କଫି ପି’କି ଯାଇଛନ୍ତି। ଏହା ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। କୋଣାର୍କ ମନ୍ଦିର ଯେପରି ଲାଙ୍ଗୁଳା ନରସିଂହ ଦେବଙ୍କ କୃତି ଭାବେ ଓଡ଼ିଶାବାସୀ ମନେ ରଖିଛନ୍ତି ସେହିପରି ହୀରାକୁଦ୍ ବନ୍ଧ, ଏକ୍ସପ୍ରେସ ହାଇୱେ, ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା କରିଥିବା ମହାପୁରୁଷଙ୍କ ଅବଦାନକୁ ମଧ୍ୟ ଲୋକେ ସ୍ମରଣ କରୁଛନ୍ତି। ଠିକ୍ ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ରାଜ୍ୟର ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ ହୋଇପାରିଛି ସେଥିପାଇଁ ତାଙ୍କୁ ଲୋକେ ସବୁଦିନ ମନେରଖିବେ। କାମ ପାଇଁ ନବୀନ ସମସ୍ତଙ୍କ ପାଖରେ ସ୍ମରଣୀୟ ହୋଇ ରହିବେ। କ୍ଷୁଧାମୁକ୍ତି କାର୍ଯ୍ୟକ୍ରମ ହେଉ, ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ବିକାଶ ହେଉ, ଛାତ୍ରବୃତ୍ତି ପ୍ରଦାନ, ନବୀନ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ନାମୀଦାମୀ ରାଜ୍ୟବାହାରର ହସ୍ପିଟାଲ୍‌ରେ ଓଡ଼ିଶାର ଗରିବ ରୋଗୀ ଚିକିତ୍ସା ସେବା ସୁବିଧା ପାଇବା ଭଳି କାର୍ଯ୍ୟକ୍ରମ ଦ୍ୱାରା ଲୋକେ କେତେ ଯେ, ଉପକୃତ ହେଉଛନ୍ତି ତାହାର କଳନା କରିହେବ ନାହିଁ। ଓଡ଼ିଶାର ଅନେକ ଲୋକଙ୍କ ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀ ଆଗରୁ ବହୁ ସୀମିତ ଥିଲା ମାତ୍ର ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ତାଙ୍କର ଦୂରଦୃଷ୍ଟି ଯୋଗୁଁ ହିଁ ଯେଉଁ ସବୁ ବିକାଶ କାର୍ଯ୍ୟ ସାଧିତ ହୋଇପାରିଛି ତାହା ଓଡ଼ିଶା ବାସୀ କେବେ ସ୍ୱପ୍ନରେ କଳନା କରିପାରିନଥିଲେ। ରାଜ୍ୟ ଓ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ନବୀନ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ସେଥିରେ ତାଙ୍କର ନିଜର କୌଣସି ସ୍ୱାର୍ଥ ନଥିଲା କି ନାହିଁ ବରଂ ସେ ମୂଳରୁ ଯେଉଁ ଉଚ୍ଚ ଚିନ୍ତାଧାରା, ଢଙ୍ଗ ଓ ଦୂରଦୃଷ୍ଟିରେ ବଢିଥିଲେ ଏବଂ ଦୁନିଆକୁ ଦେଖିଥିଲେ ସେହି ଅନୁସାରେ ଓଡ଼ିଶା ଏବଂ ଓଡ଼ିଶା ବାସୀଙ୍କୁ ଦେଖିବା ପାଇଁ ଚାହିଁଲେ ଏବଂ ସେଇଥିପାଇଁ ଓଡ଼ିଶାକୁ ସବୁ କ୍ଷେତ୍ରରେ ବିକାଶର ନବଦିଗନ୍ତ ସାରା ବିଶ୍ୱରେ ଦେଖାଇବାକୁ କାମ କଲେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ କରିବା ବେଳେ ନୀବନ ସରକାର ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ପ୍ରକଳ୍ପ ବିରୋଦ୍ଧରେ ମାମଲା ରୁଜୁ ହୋଇଥିଲା। ହେଲେ ଏହି ମାମଲାକୁ ଅଦାଲତ ଖାରଜ କରିଥିଲେ। ଜଗନ୍ନାଥ ମନ୍ଦିରକୁ ଏବେ ସହଜରେ ଓ ସୁବିଧାରେ ବିଶ୍ୱର କୋଣ ଅନୁକୋଣରୁ ଲୋକେ ବିଶେଷ କରି କୋଟି କୋଟି ଜଗନ୍ନାଥପ୍ରେମୀ ଭକ୍ତ ଶ୍ରଦ୍ଧାଳୁ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରୁଛନ୍ତି । ଏହା କେବଳ ନବୀନଙ୍କ ଦୂରଦୃଷ୍ଟି ପାଇଁ ସମ୍ଭବ ହୋଇପାରିଛି ବୋଲି ସମୀକ୍ଷକ ମତ ରଖିଛନ୍ତି।

# ଲେଖକ ସାମୁଖ୍ୟ ପକ୍ଷରୁ ପ୍ରଖ୍ୟାତ ଔପନ୍ୟାସିକ ସାତକଡି ହୋତାଙ୍କ ସ୍ମରଣ ସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥ ଲେଖକ ସାମୁଖ୍ୟ ପକ୍ଷରୁ ପ୍ରଖ୍ୟାତ ଔପନ୍ୟାସିକ ସାତକଡି ହୋତାଙ୍କ ସ୍ମରଣ ସଭା ନୂଆପଲ୍ଲୀର ଭୁବନେଶ୍ୱର ‘ଲ’ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ସାମୁଖ୍ୟର କାର୍ଯ୍ୟକାରି ସଭାପତି ତଥା ବରିଷ୍ଠ କବି ଓ ସାହିତ୍ୟିକ ଡ.ଅଲେଖ ପଢ଼ିହାରୀ ଓ ବରିଷ୍ଠ ଗୀତିକବି ପ୍ରଭାତ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦାନ କରିଥିବା ବେଳେ ଗୋ-ଧୂଳିର ସଂପାଦିକା ତଥା ଅନୁଷ୍ଠାନର ଆବାହିକା ଶ୍ରୀମତୀ ବିମଳା ସିଂହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନିରାକାର ଦାସ, ସୀତାବଲ୍ଲଭ ମହାପାତ୍ର, ରମେଶ ସାମଲ, ବ୍ରଜେଶ୍ୱରୀ ସିଂହ, ଚନ୍ଦ୍ରକାନ୍ତ ପଣ୍ଡା, ମିନତି ମିଶ୍ର, ବ୍ରଜେଶ୍ୱରୀ ସିଂହ ଏବଂ ଶିବ ସୁନ୍ଦର ପଟ୍ଟନାୟକ ସାତକଡି ହୋତାଙ୍କ ସାହିତ୍ୟ ଓ ଜୀବନି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବର ଆୟୋଜିତ ହୋଇଥିଲା। କବୀ କମଳ କୁମାରୀ ଦାଶ, ମନିକା ମହାପାତ୍ର, ଗୀତାଞ୍ଜଳି ମହାନ୍ତି, ସୌଦାମିନୀ ସାମନ୍ତରାୟଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି



ଦିବଂଗତ ସାତକଡି ହୋତାଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ। ଏହି ଅବସରରେ ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କ ଉପସ୍ଥିତିରେ ଲେଖକ ସାମୁଖ୍ୟର ସମ୍ବିଧାନ ଅନୁଯାୟୀ ସାଧାରଣ ସଭା ଓ ନିର୍ବାଚନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାପତି ସାତକଡି ହୋତାଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲି ପଡିଛି। ସାତକଡି ହୋତାଙ୍କ ଉପରେ ଗୋ-ଧୂଳିର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶିତ ହେବ ବୋଲି ସଂପାଦିକା ଏହି ସଭାରେ ଘୋଷଣା କରିଛନ୍ତି। ଦିବଂଗତ ସଭାପତି ସାତକଡି ହୋତାଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ବରିଷ୍ଠ ସଭ୍ୟ ଚକ୍ରଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ’ ଷ୍ଟଲ୍‌ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**

ସାରା ଭାରତ ବର୍ଷରେ ୮୫ ହଜାର କୋଟିରୁ ଅଧିକ ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଅବସରରେ କଟକ ରେଳଷ୍ଟେସନରେ ‘ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ’ ଷ୍ଟଲ୍‌ର ଉଦଘାଟନ କରିଥିଲେ ପ୍ରଧାନମନ୍ତ୍ରୀ । ଅଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଟକ ତାରକସୀ ଉତ୍ପାଦ ସହ ମାଣିଆବନ୍ଧ ଓ ସମ୍ବଲପୁରୀ ଶାଢ଼ୀ ସ୍ଥାନ ପାଇଛି ଏହି ଷ୍ଟଲରେ । କଟକର ରୂପା ତାରକସୀ କାମକୁ ଜିଆଇ ଟ୍ୟାଗ ମିଳିବା ପରେ ଷ୍ଟେସନ ପରିସରରେ ସୂକ୍ଷ୍ମ କାରୁକାର୍ଯ୍ୟର ଉତ୍ପାଦ ଗୁଡିକୁ ଭାରତର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଏହି ଷ୍ଟଲ୍ ଏକ ବଡ ମାଧ୍ୟମ ବୋଲି କହିଛନ୍ତି ମୁଖ୍ୟ ବାଣିଜ୍ୟିକ ଅଧିକାରୀ ।

## ଆସାମ ଓ ନନ୍ଦନକାନନ ମଧ୍ୟରେ ପଶୁପକ୍ଷୀ ଅଦଳବଦଳ ଖୁବଶୀଘ୍ର

**ଭୁବନେଶ୍ୱର, ୧୨/୩ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନକୁ ଆସିବେ ନୂଆ ଅତିଥି। କରାଯିବ ପଶୁପକ୍ଷୀ ଅଦଳବଦଳ। ଆସାମ ଷ୍ଟେଟ ଜୁ ବଟାନିକାଲ ଗାର୍ଡେନ ସହିତ ପଶୁପକ୍ଷୀ ଅଦଳବଦଳ କରାଯିବ। ସେଣ୍ଟ୍ରାଲ ଜୁ ଅଥରିଟି, ନୂଆଦିଲ୍ଲୀ ଏହାକୁ ଅନୁମୋଦନ କରିଛି। ୨ଟି ଗାଙ୍ଗେୟ ସଫ୍ଟସେଲ କଇଁଛ, ୨ଟି ଗ୍ରେଟ ହ୍ୱାଇଟ ପେଲିକାନ, ୨ଟି ହିମାଳୟନ ଶାଗୁଣା, ୨ଟି ବଡ଼ ଆଡଜୁଟାଣ୍ଟ ଷ୍ଟର୍କ ଅଣାଯିବ। ଫଳରେ ପଶୁ ସଂଗ୍ରହରେ ୨ ନୂଆ ପ୍ରଜାତି ସାମିଲ ହେବେ। ବଦଳରେ ନନ୍ଦନକାନନ ଦେବ ୨ଟି ପେଣ୍ଟେଡ ଷ୍ଟର୍କ, ୧ଟି ମଣ୍ଡାରିନ ବତକ, ୨ଟି ସ୍ପଟ ବିଲ୍ଡ ପେଲିକାନ , ବ୍ଲାକ ବକ୍ , ୧୦ଟି ବ୍ୟାକ୍ ହେଡେଡ୍ ଇବିସ । ଏଥିପାଇଁ ଏକ ୫ ଜଣିଆ ଟିମ୍ ଆଜି ଆସାମ ଯାଉଛନ୍ତି। ୨୧ ମାର୍ଚ୍ଚ ସୁଦ୍ଧା ସମସ୍ତ ପ୍ରାଣୀ ନନ୍ଦନକାନନରେ ପହଞ୍ଚିଯିବେ । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଚତୁର୍ଥ ଥର ଲାଗି ଏହି ପ୍ରାଣୀ ବିନିମୟ କରାଯାଇଛି ।


OFFICE OF THE NOTIFIED AREA COUNCIL, KONARK
email: nackonark@gmail.com, Phone No:- 06758-236826
C-3277
INVITATION FOR BID
E-PROCUREMENT NOTICE
No. Dt.
Bid Reference No :-KNK-NAC-8(31)-2023-24
Bid Identification No:- 2024-ORULB-102410
DETAILED TENDER CALL NOTICE

The Executive Officer on behalf of Konark N.A.C, Konark invites Bids on percentage basis in online mode according to norm of e-procurement.

1. Type of works: - Development works as per NIT
2. Total No Works: -31Nos
3. Tendered Value of Work: -Rs. 1.00 Lakhs to 20.00 Lakhs.
4. Period of Completion: - 30 to 60 days.
5. Date and time Schedule
   Submission Start: -From 17.00PM on 12.03.2024
   Prebid Meeting: -At 12.00Noon on Dt 20.03.2024
   Submission End: -At 5.00PM on Dt 09.04.2024
6. Opening of Bid in Online: -From 11.00 AM On Dt 10.4.2024

Further details and necessary documents can be seen from the procurement Portal i.e www.tendersorissa.gov.in. and www.nackonark.in

OIPR-13174/11/0027/2324
Sd/- Excutive Officer
Konark N.A.C



C-3278
BHUBANESWAR MUNICIPAL CORPORATION
E-PROCUREMENT NOTICE
E-Mail Id-ee2@bmc.gov.in

1. Bid reference No :BMC-EED-II-33/2023-24Dt. 07/03/24
2. Tender Call notice No :No.12535 Dt.07/03/24
3. No of work :10Nos
4. Bid Value : Rs.14,86,771.00 to Rs. 41,74,110.00
5. Period of completion : 60 to 90 Days

Date and time schedule

| Start | End | Opening |
|---|---|---|
| 11.00 A.M of 13.03.2024 | 5 P.M of 22.03.2024 | 11.00 A.M 27.03.24 |

6. Tender details: Can be seen for the procurement portal: https://www.tendersodisha.gov.in. BMC website https://www.bmc.gov.in

Executive Engineer,Div-II
OIPR-13002/11/0350/2324 Bhubaneswar Municipal Corporation



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
EASTERN CIRCLE-I, CANTONMENT ROAD, CUTTACK
Email id :- seeccuttack@gmail.com
A-1707
1st Corrigendum to
‘e’ Procurement Notice No.ACE, EC-I/42 of 2023-24 (On-line)

The availability of tender on-line bidding is rescheduled to 19.03.2024 at 10.00 A.M to 04.04.2024 at 17.30 P.M instead of 14.03.2024 at 10.00 AM to 28.03.2024 upto 17.30 P.M. & the Date of Opening of Technical Bid (Cover-I) is rescheduled to 05.04.2024 at 11.30 A.M instead of 30.03.2024 at 11.30 A.M due to technical issue.

All other terms & conditions remain unchanged.
Additional Chief Engineer
OIPR-32370/11/0056/2324 Eastern Circle-I, Cuttack



OFFICE OF THE DIRECTOR
ACHARYA HARIHAR POST GRADUATE INSTITUTE OF CANCER, CUTTACK
E-994
Tender Notice No. 996 /AHPGIC, Cuttack dated the 11.03.2024
S-05/2016-21

Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 for refilling of medicinal gases (oxygen, nitrous oxide, and carbon dioxide). The bid document and all details can be downloaded from the website of AHPGIC, www.ahrcc.in.

The tender schedule dates are as mentioned below:

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) | 08.04.2024 at 5 PM |
| 2 | Last date & time of receipt of pre-bid queries through email : ahrccdirector@gmail.com / ntstore.ahrcc.2019@gmail.com | 21.03.2024 by 2.00 PM |
| 3 | Date and time of pre-bid meeting | 22.03.2024 at12.30 PM |
| 4 | Date & time of opening of technical bid (in presence of bidders/their authorized agents) | 09.04.2024 at 12.30 PM |
| 5 | Date of opening of price bid | To be informed to qualified bidders |

The authority reserves the right to accept/reject any/all bids without assigning any reasons thereof.

NB:
1. If any of the dates above fall on a holiday, then the next working day shall be the last date of submission of bids, date of pre-bid meeting, or date of opening of bids.
2. If any changes/modifications are made in the tender paper, then the corrigendum issued if any shall only be uploaded in the website of AHPGIC and no advertisement in newspapers shall be published in this regard.

OIPR-10171/11/0016/2324 Sd/- Director



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
E-935
CONTRACTUAL APPOINTMENT
Advt. No :1065 /DPMU Dt:11.03.2024

Applications are invited from eligible candidates for filling up the following posts (PHM, NUHM) through Regd. Post/speed post under National Health Mission, Puri on contractual basis. Selected Candidates shall be paid monthly remuneration & such other allowances/incentives as admissible under the norms of the society & approval in PIP.

| Sl No | Name of the Post | Vacancy |
|---|---|---|
| 01 | Public Health Manager, NUHM | 2 |

The application format and details are available in the district website www.puri.nic.in.

Chief District Medical & Public Health Officer, Puri
OIPR-10021/11/0023/2324



OFFICE OF THE NOTIFIED AREA COUNCIL, G. UDAYAGIRI
KANDHAMAL Emai id-orissagudnac@gmail.com
C-3286
No. 757 Date 07.03.2024

Expression of Interest

Proposals are invited to conduct the assignment and submit the deliverables from Public Sector Undertakings/ Autonomous Bodies/ registered Engineering Consulting firms that have requisite experience in preparation of drainage/ pipeline/ sewerage network plan and infrastructure for **"Preparation of Storm Water Drainage Master Plan and DPR for G. Udayagiri NAC area".** The prescribed tender schedule can be obtained from NAC, G. Udayagiri Office during office hour except holidays on payment of Rs 10,000/-(Rupees Ten Thousand) (Non Refundable) in shape of DD in favour of **"Executive Officer, NAC, G. Udayagiri,Payble at G. Udayagiri"** by 1 PM of dated 22.03.2024. The quotations should reach in this office of the undersigned on or before 22.03.2024 by 3.30PM by Speed post/Register Post/ Courier/ by Hand and the same will be opened on same day at 4.30 PM. as EMD. The undersigned reserved the rights to reject the quotation without assigning any reason thereof.

Sd/-Executive Officer
OIPR-13066/11/0026/2324 NAC, G. Udayagiri



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
O-2786
No. 1515 /Date.07.03.2024
"e" Procurement Notice for Road Work

| | | | |
|---|---|---|---|
| 1. | Name of the Work | : | Road Work under Deposit Scheme |
| 2. | Total No. of works: | : | 01 No. of Road Work under Deposit Scheme for the year 2023-24 |
| 3. | Estimated Cost of the work: | : | Rs.473.45 lakhs |
| 4. | Class of Contractor | : | |
| | a)Estimated cost more than Rs. 1.00 Crore up to Rs. 20.00 Crores. | | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online-C.C.12 of 2024 | 14.03.2024 at 11.00 A.M. | 28.03.2024 up to 5.00 P.M. | 30.03.2024 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

Sd/- CHIEF ENGINEER
OIPR-25194/11/0015/2324 CENTRAL R.W.CIRCLE, BHUBANESWAR



OFFICE OF THE GOLAGAON SERVICE COOPERATIVE SOCIETY LTD.
At - Golagaon Po -Bhaliadihi Ps-Sarankul Dist.- Nayagarh
Regd. No- 126PU. Date: 30.06.1949
(under A.R.C.S, Nayagarh Circle, Nayagarh)
No-2 CORRIGENDUM Dated 12.03.24

In connection to the office advertisement for recruitment to one post of Secretaryof Golagaon S.C.S Ltd. A candidate must not be less than 21 years or more than 38 years instead of 32 years as age on 01.01.2024 and the upper age limit shall be read as 43 years in respect of persons belonging to S.C/S.T/ O.B.C.including S.E.B.C/ Physically handicapped person /Ex-Serviceman instead of 37 years as published in daily news papersambad Kalika on date.09.03.2024.

By order of the Committee of Management

Sd/- Secretary, Golagaon PACS Ltd.



obcc
CAD-4540
Office of the General Manager, Ekamra Division
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No. 192 Date.07.03.2024
NOTICE INVITING TENDER

| | | |
|---|---|---|
| 1. | Name of Work | *Exterior painting with minor repair and faced lighting of precinct of Shree Nilamadhaba Temple complex at Kantio, Nayagarh* |
| 2. | Bid Identification No. of the Tender Document | 08/GM Ekamra/OBCC/2023-24 |
| 3. | Date of availability in e-procurement portal | from 15.03.2024 |
| 4. | Last date of receipt of pre-bid queries | upto 5:00 P.M of 21.03.2024 |
| 5. | Last Date & time of receipt of online bid | 2.04.2024 till 4.00 P.M. |
| 6. | Date of Opening of online technical bid | 2.04.2024 at 5:30 P.M |
| 7. | Class of Bidder | “B” Class |
| 8. | Period of completion | 2 Months |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice/ RFP/Proposal without assigning any reasons thereof.

Sd/- General Manager (Ekamra Division)
OIPR-34161/11/0128/2324



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(E-Mail:- serwbpr2004@yahoo.com, Tel/Fax:- 0680-2404287)
At:- Ambapua
Po:- Engineering School
Near Income Tax office,
Berhampur-760011
O-2782
E-mail/ E-despatch

NATIONAL COMPETITIVE BIDDING THROUGH e-Procurement
Bid Identification No, Online Tender/103-2023-24/BPR

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 103-2023-24/BPR | Buildings Works | 02 Nos | Rs. 207.00 Lakhs | "B" Class &"A" Class as applicable | 15 (Fifteen) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Cirde, Berhampur | Online Tender/103-2023-24/BPR | 22.03.2024 at 10.00 A.M. | 06.04.2024 upto 5.30 P.M. |

(I) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Sd/- Chief Construction Engineer
OIPR-25071/11/0122/2324 R.W.Circle, Berhampur

